## ସଂକ୍ଷେପରେ

### ବୃନ୍ଦାବନ ସେବାଶ୍ରମ ପ୍ରତିଷ୍ଠା ମହୋତ୍ସବ

ଲାଞ୍ଜିଗଡ଼,୨୭।୪(ଡି.ଏନ୍.ଏ.): କଳାହାଣ୍ଡି ଜିଲା ଲାଞ୍ଜିଗଡ଼ଠାରେ ଭକ୍ତିମୟ ଓ ଆଧାତ୍ମିକ ପରିବେଶ ମଧରେ ବୃନ୍ଦାବନ ସେବାଶ୍ରମ ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ପରମହଂସ ସ୍ୱାମୀ ସତ୍ୟ ପ୍ରଜ୍ଞାନନ୍ଦ ସରସ୍ୱତୀ ଯୋଗଦେଇ ଶ୍ରୀବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ଅବସରରେ ସମ୍ମାନିତ ଅତିଥିଭାବେ ସ୍ୱାମୀ ସତ୍ୟ ଦେବାନନ୍ଦ ସରସ୍ୱତୀ, ସ୍ୱାମୀ ସତ୍ୟ ପ୍ରେମାନନ୍ଦ ସରସ୍ୱତୀଙ୍କ ସମେତ ସ୍ୱାମୀ ମାଧବାନନ୍ଦ, ବାବା ବଂଶୀଧର ଦାସ, ପ୍ରେମାନନ୍ଦ ଦାସ, ରାଧାକାନ୍ତ ଦାସ ପ୍ରମୁଖ ଯୋଗଦେଇଥିଲେ। ଶ୍ୟାମାନନ୍ଦ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ମହୋତ୍ସବରେ ଲାଞ୍ଜିଗଡ଼ ତଥା ଏହାର ଆଖପାଖ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ମହୋତ୍ସବ ପ୍ରାରମ୍ଭରେ ଏକ ବାଇକ୍ ଶୋଭାଯାତ୍ରା ସହ ଅତିଥିଙ୍କୁ ସ୍ୱାଗତ କରାଯାଇଥିଲା। ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ମଧ କରାଯାଇଥିଲା।

### ଅଗ୍ରଗାମୀ କଳା ଓ ସଂସ୍କୃତି ଅନୁଷ୍ଠାନ ପକ୍ଷରୁ ନାଟକ ମଞ୍ଚସ୍ଥ

ଖଡ଼ିଆଲ,୨୭।୪(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ ଚଲାନପଡା ଗୋଇମୁଣ୍ଡି ଅଗ୍ରଗାମୀ କଳା ଓ ସାଂସ୍କୃତିକ ଅନୁଷ୍ଠାନ ୩୩ ବର୍ଷରେ ୧୫ ଗୋଟି ନାଟକ ପରିବେଷଣ କରି କଳାକୁ ବଞ୍ଚାଇ ରଖିଥିବା ବେଳେ ଚଳିତବର୍ଷ ପାଇଁ ସୁଖ ଚାରଣାକୁ ଦୁଃଖ ବାରଣା ନାଟକ ମଞ୍ଚସ୍ଥ ହୋଇଯାଇଛି। ନାଟକ ମଞ୍ଚସ୍ଥ ପୂର୍ବରୁ ଏକ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଅନୁଷ୍ଠାନର ସଭାପତି ଅରବିନ୍ଦ ସିଂ ବାରିକ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଖଡିଆଲ ବ୍ଲକ ଅଧକ୍ଷ ପୁଷ୍ପାଞ୍ଜଳି ନନ୍ଦ, ସମ୍ମାନିତ ଅତିଥି ଭାବେ ଖଡ଼ିଆଳ ନଗରପାଳ ଉଜ୍ଜ୍ୱଳ ଗୁପ୍ତା , ଜିଲା ପରିଷଦ ସଦସ୍ୟ ଚିତ୍ତ ରଞ୍ଜନ ବେହେରା, ସହ କୃଷି ଅଧିକାରୀ ଦୀପ୍ତିମୟୀ ବାରିକ, ଲିଟିଲ ଷ୍ଟାର ପବ୍ଲିକ ସ୍କୁଲର ନିର୍ଦ୍ଦେଶକ ଗୋପାଳ ଦାସ, ବରଗାଁ ସରପଞ୍ଚ ଗୋବିନ୍ଦ ବିହାରୀ ବାରିକ, ସେଣ୍ଟ ଜେଭିଆର ସ୍କୁଲର ନିର୍ଦ୍ଦେଶକ ପ୍ରବୀଣ ଠାକୁର, ନାଟକର ନିର୍ଦ୍ଦେଶକ କ୍ଷୀର ପ୍ରସାଦ ରାଉତରାୟ, ସହ ନିର୍ଦ୍ଦେଶକ ପ୍ରହ୍ଲାଦ ପଣ୍ଡା, ଉପ ସଭାପତି ନରେଶ ବାରିକ, ସମ୍ପାଦକ ସୌରଭ ବାରିକ ମଞ୍ଚାସୀନ ହୋଇଥିଲେ। ନାଟକର ବିଭିନ୍ନ ଭୂମିକାରେ ରାଜକପୁର ବାରିକ, ପ୍ରଶାନ୍ତ ବାରିକ, ଚିତ୍ତ ରଞ୍ଜନ ରାଉତ, ଅନନ୍ତ କୁମାର ବାରିକ, ଧର୍ମବୀର ରାଉତ, ମକରଧ୍ୱଜ କାଣ୍ଡ, ଶଶୀ କୁମାର ରାଉତରାୟ, ସୁଧାଂଶୁ ଶେଖର ବାରିକ, ରମା ରଞ୍ଜନ ରାଉତ, କୁଳଦୀପ ପ୍ରଧାନ, ପାର୍ଥ ସାରଥୀ ବାଗ, ସମୀର ରଞ୍ଜନ ବାରିକ, ସୌରଭ ବାରିକ, ଅରବିନ୍ଦ ବାରିକ, ଅମିତ ବାରିକ, ରୋଶନ ତାଣ୍ଡି, କାହ୍ନା ବାରିକ, ଶ୍ରୀକାନ୍ତ ବାରିକଙ୍କ ସମେତ ରାଉରକେଲାର ୪ ଜଣ ମହିଳା କଳାକାର ନାଟକ ପରିବେଷଣ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶନା ରେଣୁ ରଞ୍ଜନ ବାଗ ଦେଇଥିଲେ। କାର୍ଯ୍ୟକ୍ରମରେ ସୁରେଶ ରାଉତ, ମୃତ୍ୟୁଞ୍ଜୟ ବାରିକ, ଭାନୁ ଭାରି, ଲୀଳା ବାରିକ, ପ୍ରଦ୍ୟୁମ୍ନ ବାରିକ, ଦେବେଶ୍ୱର ବାରିକ, ଜ୍ୟୋର୍ତିମୟ ବାରିକ, କରୁଣା ସାଗର, ମୁନୁକୁ ରାଉତ, ଗଣଦୀପ ସରାଫ ,କେତନ ସିଂ ବାରିକ, ବଳଦେବ ରାଉତ, ଧନସିଂ ବାରିକ, ଦାୟନିଧି ଚଲାନ, ସୁଶୀଳ ଚଲାନ ପ୍ରମୁଖ ସହଯୋଗ କରିଥିଲେ। ମନୋରଞ୍ଜନ ରାଉତ ସଭା ପରିଚାଳନା କରିଥିଲେ। ସାମାଜିକ ନାଟକକୁ ଦେଖିବାକୁ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା।

# କୃଷକ ସଙ୍ଗଠନର ଆନ୍ଦୋଳନ ଚେତାବନୀ

ଟିଟିଲାଗଡ଼,୨୭।୪(ଡି.ଏନ.ଏ.)

ଟିଟିଲାଗଡ ଉପଖଣ୍ଡ ଅନ୍ତର୍ଗତ ସଇଁନ୍ତଲା ବ୍ଲକରେ ସରକାରଙ୍କ କ୍ରପ ଡାଇଭର୍ସନ ଯୋଜନାରେ ବ୍ୟାପକ ହରିଲୁଟ ହୋଇଥିବା ଅଭିଯୋଗ ହୋଇଛି। ଏହି ତିନିବର୍ଷିଆ ଯୋଜନାରେ ଖରିଫ ଋତୁରେ ଚାଷୀ ଧାନ ଚାଷ ବ୍ୟତୀତ ଅନ୍ୟ ଚାଷ କଲେ ସରକାରଙ୍କ ପକ୍ଷରୁ ସହାୟତା ରାଶି ବ୍ୟବସ୍ଥା ରହିଛି। ବିଶେଷ କରି ପନିପରିବା, ଚିନାବାଦାମ, କପା, ମିଲେଟ, ହରଡ, ମୁଗ ଫସଲ କଲେ ସରକାର ଚାଷୀଙ୍କୁ ପ୍ରୋତ୍ସାହନ ରାଶି ଦେବାର ବ୍ୟବସ୍ଥା ରହିଛି। ହେଲେ ଚାଷୀଙ୍କୁ ଏହି ତିନିବର୍ଷିଆ ଯୋଜନା ସମ୍ପର୍କରେ କୌଣସି ସଚେତନ ନ କରି ସେମାନଙ୍କ ପାସବୁକରେ ଟଙ୍କା ଜମା କରି ଦିଆଯାଇଛି। ଟଙ୍କା ଜମା ପରେ ଭାଗ ମଗାଯାଉଛି। ପନିପରିବା ଚାଷୀଙ୍କ ପାସବୁକରେ ୨୨ ହଜାର ଟଙ୍କା ଲେଖାଏ ଜମା କରି କାହାଠାରୁ ୧୩ ହଜାର ଟଙ୍କା


କୃଷକ ସଂଗଠନର ନେତା ଉପ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ତ କେଉଁ ଚାଷୀଙ୍କ ଠାରୁ ଏହା ଠାରୁ ଅଧିକ ମାଗି ନିଆଯାଇଛି। ଏନେଇ ଅଭିଯୋଗ କରାଯିବା ପରେ ବଲାଙ୍ଗୀର ଜିଲା କୃଷି ଅଧିକାରୀ ସୁବାସ ବେହେରା, ଟିଟିଲାଗଡ ଉପଖଣ୍ଡ କୃଷି ଅଧିକାରୀ ସର୍ବେଶ୍ୱର ସାହୁ, ସଇଁନ୍ତଲା ବ୍ଲକ କୃଷି ଅଧିକାରୀ ଚିତ୍ତରଞ୍ଜନ ଶତପଥୀ ସରଜମିନ ତଦନ୍ତ କରିଥିଲେ। ହେଲେ ଅଦ୍ୟାବଧି ଯୋଜନାକୁ ଭଣ୍ଡୁର କରିବା ସହ ଚାଷୀଙ୍କ ଟଙ୍କା ଆତ୍ମସାତ କରିଥିବା ଦୋଷୀ କୃଷି କର୍ମଚାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଟିଟିଲାଗଡ କୃଷକ ସଂଘର୍ଷ ଅଭିଯାନ ଅଭିଯୋଗ କରିଛି। ଏନେଇ ଗୁରୁବାର

**ଚାଷୀଙ୍କ ଠାରୁ ହରିଲୁଟ**

ସଂଗଠନର ଆବାହକ ବାଲକୃଷ୍ଣ ଷାଣ୍ଡେ, ସଦସ୍ୟ ନରେନ୍ଦ୍ର ସାହୁ ଉପଜିଲାପାଳ ଦୟାମୟ ପାଢୀଙ୍କୁ ସାକ୍ଷାତ କରିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଯୋଜନା ପ୍ରାରମ୍ଭରୁ ଚାଷୀ ପରିବାର ଉପକୃତ ହୋଇ ନ ଥିବା ବେଳେ ଏ ବାବଦରେ ଲକ୍ଷାଧିକ ଟଙ୍କା ହଡପ ହୋଇଛି। ଏହାର ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୃଷକ ସଂଗଠନ ଦାବି କରିଛି। ଦାବି ପୂରଣ ନ ହେଲେ ଏନେଇ ଚାଷୀ ରାଜରାସ୍ତାରେ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦିଆଯାଇଛି। ତେବେ ଘଟଣା ନେଇ ପ୍ରଶାସନ ପକ୍ଷରୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ଉପଜିଲାପାଳ ଦୟାମୟ ପାଢୀ କହିଛନ୍ତି।

## 'ମନ୍‌କୀ ବାତ୍‌' ନେଇ ପ୍ରସ୍ତୁତି ବୈଠକ


ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏମ୍‌ପି ଓ ଅନ୍ୟମାନେ।

ଟିଟିଲାଗଡ଼,୨୭।୪ (ଡି.ଏନ.ଏ.)

ଆସନ୍ତା ୩୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୦୦ ତମ 'ମନକୀ ବାତ' କାର୍ଯ୍ୟକ୍ରମ ନେଇ ଗୁରୁବାର ଟିଟିଲାଗଡ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। 'ମନ କୀ ବାତ' କାର୍ଯ୍ୟକ୍ରମର ଜିଲା ସଂଯୋଜକ ତଥା ଦଳର ଜିଲା ସାଧାରଣ ସମ୍ପାଦକ ଶ୍ରୀବତ୍ସ ବେହେରାଙ୍କ ପୌରାହିତ୍ୟରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ ତଥା ଲୋକାଭିମୁଖୀ କରିବା ନେଇ ଦଳର ନେତୃବୃନ୍ଦଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ସ୍ଥାନୀୟ ଗୋବିନ୍ଦବାଟିକା ପରିସରରେ ବିଶାଳ ଏଲଇଡି ଟିଭି ଦ୍ୱାରା ପ୍ରଧାନମନ୍ତ୍ରୀଙ୍କ ମନ କୀ ବାତ କାର୍ଯ୍ୟକ୍ରମ ପ୍ରଦର୍ଶିତ ହେବାକୁ ସ୍ଥିରୀକୃତ ହୋଇଥିବା ବେଳେ ଅଞ୍ଚଳର ବୁଦ୍ଧିଜୀବୀ, ସାମାଜିକ କର୍ମୀ, ସାଧାରଣ ଜନତା, ମହିଳା ଗୋଷ୍ଠୀ ସାମିଲ ହେବା ନେଇ ଆଲୋଚନା ହୋଇଥିଲା। ପ୍ରସ୍ତୁତି ବୈଠକରେ ଦଳ ପକ୍ଷରୁ ନଗର ସଭାପତି ପ୍ରଶାନ୍ତ ଷଡଙ୍ଗୀ, ପୌରାଧକ୍ଷା ମମତା ଜୈନ, ଜିଲା ସାଧାରଣ ସମ୍ପାଦକ ମୁକେଶ ଜୈନ, ବରିଷ୍ଠ ନେତା ମହେନ୍ଦ୍ର ଠାକୁର, ନଗର ଉପସଭାପତି ଲିଙ୍ଗରାଜ ନାୟକ, କାଉନସିଲର ବୁଦ୍ଧିଆ ଆଚାର୍ଯ୍ୟ, ସରୋଜା ଥନାପତି, ମନୋଜ ଜୈନ, ଯଶୋଦା ବଗର୍ତ୍ତି, ସୁନିତା ନାଗ, ସୂର୍ଯ୍ୟ ଚୌଧୁରୀ, ଟୁନିଆ ପାଣିଗ୍ରାହୀ, ଅଶୋକ ମିଶ୍ର, ଏମ୍‌ପିଙ୍କ ନଗର ପ୍ରତିନିଧି ଆଲୋକ ନାୟକ, ସଇଁନ୍ତଲା ବ୍ଲକ ପ୍ରତନିଧି ଅକ୍ଷୟ ରଣା, ବିପିନ ଠାକୁର, ଇଂ. ଅମ୍ଳାନ ଷଡଙ୍ଗୀ, ଏଚ. ଦାଶ, ଶେଖର ଦାଶ, ଧନୀରାମ ବେହେରା, ଅରବିନ୍ଦ ପାଣିଗ୍ରାହୀ, ଗଦାଧର ବଗର୍ତ୍ତି, ନିର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପତ୍ରାପଡ଼ାରେ ମା' ଠାକୁରାଣୀ ଘଣ୍ଟପର୍ବ ଉଦ୍‌ଘାଟିତ

ଲାଞ୍ଜିଗଡ଼,୨୭।୪(ଡି.ଏନ୍.ଏ.)

 କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଛତ୍ରପୁର ପଞ୍ଚାୟତ ପତ୍ରାପଡ଼ାଠାରେ ପ୍ରତ୍ୟକ୍ଷ ଦେବୀ ମା' ଠାକୁରାଣୀଙ୍କ ଘଣ୍ଟ ପର୍ବ ଉଦ୍‌ଘାଟିତ ହୋଇଯାଇଛି। ଦୀର୍ଘ ୭ ବର୍ଷର ବ୍ୟବଧାନ ପରେ ହେଉଥିବା ଏହି ପର୍ବକୁ ନେଇ ଗ୍ରାମବାସୀଙ୍କ ମଧରେ ବେଶ୍ ଉତ୍ସାହ ଉଦ୍ଦୀପନା ଦେଖିବାକୁ ମିଳିଛି। ବୁଧବାର ସକାଳୁ ଗ୍ରାମବାସୀ ବାଜାଗଜା ସହ ପୂଜକ ବରଣ କରିବା ପରେ ଘଣ୍ଟପର୍ବ ଆରମ୍ଭ ହୋଇଥିଲା। ବୁଢ଼ାରାଜା ଗ୍ରାମ୍ୟ କମିଟି, ବାବାସାହେବ ୟୁଥ୍ କ୍ଲବ ଓ ପତ୍ରାପଡ଼ା ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ଏହି ପର୍ବ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ଛତ୍ରପୁର ସରପଞ୍ଚ ସୁଷମା ମାଝୀ, ସମିତିସଭ୍ୟ ସନ୍ନ୍ୟାସୀ ମାଝୀ, ପୂର୍ବତନ ସରପଞ୍ଚ ରାଜୀବ ମାଝୀ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।। ବୁଢ଼ାରାଜା ଗ୍ରାମ୍ୟ କମିଟି ସଭାପତି ଶରତ ନାୟକ,


ପତ୍ରାପଡ଼ାରେ ମା' ଠାକୁରାଣୀଙ୍କ ଘଣ୍ଟ ପର୍ବ ଉଦ୍‌ଘାଟିତ।

ଘଣ୍ଟପର୍ବ ଆୟୋଜକ କମିଟି ମୁଖ୍ୟ ମହେନ୍ଦ୍ର କରୁଆଁ, କମିଟି ସଦସ୍ୟ ସୁବାସ ହିଆଁଲ, ମହାନ୍ତି କରୁଆଁ, ନୀଳକଣ୍ଠ ସୁନା, ପ୍ରଭାକର ନିଆଲ, ଶିବରାମ ହରପାଲଙ୍କ ସମେତ ଗ୍ରାମ୍ୟ କମିଟି, ବାବାସାହେବ ୟୁଥ କ୍ଲବ୍‌ର ସମସ୍ତ ସଦସ୍ୟ ଏବଂ ଗ୍ରାମବାସୀ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହା ୭ଦିନ ଧରି ପାଳିତ ହେବ। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମିନାବଜାର ଏହାର ମୁଖ୍ୟ ଆକର୍ଷଣ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ମିଳିଛି।

## ବିଷ ପିଇ ଆତ୍ମହତ୍ୟା

ଖପ୍ରାଖୋଲ,୨୭।୪(ଡି.ଏନ.ଏ.)

ଖପ୍ରାଖୋଲ ଥାନା ଭାନପୁର ପଞ୍ଚାୟତ ତୁର୍ଲା ଗାଁରେ ଜଣେ ବ୍ୟକ୍ତି ବିଷ ପିଇ ଆତ୍ମହତ୍ୟା କରିଥିବା ଜଣାଯାଇଛି। ମୃତ ବ୍ୟକ୍ତି ଜଣକ ହେଲେ ହିରାଧର ନାଗ(୪୫)। ସୂଚନା ଅନୁସାରେ, କୌଣସି କଥାକୁ ନେଇ ଘରୋଇ କଳି ହୋଇଥିବା ବେଳେ ହିରାଧର ବିଷ ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଖପ୍ରାଖୋଲ ଡାକ୍ତରଖାନା ଏବଂ ପରେ ପାଟଣାଗଡ ଉପଖଣ୍ଡ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଖପ୍ରାଖୋଲ ଥାନାରେ ନଂ୪/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପ୍ରାଥମିକ ତଦନ୍ତରୁ ଘରୋଇ କଳି ରୁ ହିରାଧର ଆତ୍ମହତ୍ୟା କରିଥିବା ପୋଲିସ କହିଛି।

## ଟୁନା ମହାପାତ୍ର ପିସିସି ସାଧାରଣ ସମ୍ପାଦକ

କେସିଙ୍ଗା,୨୭।୪(ଡି.ଏନ୍.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ସହରର ଟାଣୁଆ ତଥା ଯୁବନେତା ଟୁନା ମହାପାତ୍ର ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଏନେଇ ସେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଓଡ଼ିଶା ପ୍ରଦେଶ କମିଟି ସଭ୍ୟ ଟିକେମନ ଦୀପ, ରାମ କୁମାର ଜୈନ୍, ସୁବାସ କୁମାର ଜୈନ୍, ରାଜ କୁମାରୀ ସରାଫ, ଦୟା ସାଗର ସାହା, ରଜନୀ ପୋଡ଼, କେନ୍ଦ୍ରୀୟ ନେତୃତ୍ୱ ନେଇଥିବା ମାଲିକାର୍ଜୁନ ଖାର୍ଗେ, ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀଙ୍କୁ ଧନ୍ୟବାଦ ସହ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏଥିସହ ନବ ନିର୍ବାଚିତ ସଦସ୍ୟଙ୍କୁ ସେ ଅଭିନନ୍ଦନ ଜଣାଇଛନ୍ତି। ଟୁନା ପିସିସି ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହେବା ପରେ ସମଗ୍ର ଜିଲାରେ ଖୁସିର ଲହରି ଖେଳିଯାଇଛି। ପ୍ରକାଶ ଥାଉ କି, ମହାପାତ୍ର ଏହା ପୂର୍ବରୁ ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ଦାୟିତ୍ୱ ସମ୍ପାଦନ ସହ ନବରଙ୍ଗପୁର ଜିଲା ପ୍ରଭାରୀ କାର୍ଯ୍ୟ ତୁଲାଇଛନ୍ତି।

## ଡୁମାଲ ସମାଜର କଳା ସଂସ୍କୃତି ଉଜ୍ଜୀବିତ ରଖିବା ଉପରେ ଗୁରୁତ୍ୱ


ସଭାରେ ଡୁମାଲ ସମାଜର ସଦସ୍ୟବୃନ୍ଦ।

ମୁରିବାହାଲ,୨୭।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଦନ୍ଦ୍ରା ଚକ ଷାଠିଏ ଘର ଡୁମାଲ ସମାଜର ଏକ ଗ୍ରାମସଭା ରଜାମରା ଗ୍ରାମରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସାମାଜିକ କୁସଂସ୍କାର, କୁପ୍ରଥା, ନିଶା ନିବାରଣ ଉପରେ ଲୋକଙ୍କୁ ସଚେତନ କରାଯାଇଥିଲା। ସଭାରେ ଡୁମାଲ ସମାଜର ରୀତିନୀତି, ପ୍ରଥା ପରମ୍ପରା ଓ କଳା ସଂସ୍କୃତିକୁ ଉଜ୍ଜୀବିତ କରି ରଖିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଚକ ଅନ୍ତର୍ଗତ ଗ୍ରାମଗୁଡିକର ବିଭିନ୍ନ ସମସ୍ୟାର ସମାଧାନ କରାଯାଇଥିଲା। ଚକ ଉପସଭାପତି ରୁଦ୍ରାଧର ବସ୍ତିଆଙ୍କ ସଭାପତିତ୍ୱରେ ସମ୍ପାଦକ ଫକୀର ମୋହନ ଖମାରୀ, ମା' ମାହେଶରୀ ଯୁବା ମଞ୍ଚ ସଭାପତି ଅମୂଲ୍ୟ ମହାକୁର, ଉପସଭାପତି ଅନନ୍ତ ବଘାର, ସଂପାଦକ ସତ୍ୟନାରାୟଣ

**ଡୁମାଲ ସମାଜର ଗ୍ରାମସଭା**

କର୍ମୀ, ଉପଦେଷ୍ଟା ହୃଦାନନ୍ଦ କର୍ମୀ, ନିମାଇଁ ପାତ୍ର, ଦିଲିପ ବସ୍ତିଆ, ରାମଦାସ ମହାକୁର, ଶରତ ଅମାତ, ବଦ୍ରି କର୍ମୀ, ମିନିକେତନ ମହାକୁର, ହେମସାଗର ବସ୍ତିଆ, ଦଶରଥ ପଧାନ, ପରମାନନ୍ଦ ବସ୍ତିଆ, ପରୀକ୍ଷିତ କରନ, ବୁଢୁ କରନ, କିଶୋର ପଧାନ , କରୁଣାକର ଦନ୍ତା, ଅଚ୍ୟୁତାନନ୍ଦ କର୍ମୀ, କବିରାଜ ଖମାରୀ, ପର୍ଶୁରାମ ପଧାନ, ରମେଶ ପଧାନ,ସଦାନନ୍ଦ ମହାକୁର, ସାମନ୍ତ ମହାକୁର,ମନୋଲାଲ ମହାକୁର, ମିଡ଼ିଆ ପରାମର୍ଶଦାତା ଦୁର୍ଗାନନ୍ଦ ମହାକୁର,ବ୍ରଜମୋହନ ମହାକୁର,ଅଫୁଆ ଗଡୁଆ, ସତ୍ୟନାରାୟଣ ପଧାନ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସମ୍ପାଦକ ଫକୀର ମୋହନ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବରିଷ୍ଠ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଲାଞ୍ଜିଗଡ଼,୨୭।୪(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ ସ୍କୁଲରେ କାର୍ଯ୍ୟରତ ବରିଷ୍ଠ ଶିକ୍ଷକ ତଥା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଦେବେନ୍ଦ୍ର ବିଶ୍ୱାଳ ଚାକିରି ଜୀବନରୁ ଅବସର ନେବାକୁ ଯାଉଥିବାବେଳେ ଗୁରୁବାର ତାଙ୍କ ପାଇଁ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ସ୍କୁଲ ପରିସରରେ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଢ଼ଳଦେବ ମୁଣ୍ଡ ଯୋଗଦେଇଥିବାବେଳେ ବିଶିଷ୍ଟ ଅତିଥିଭାବେ ଜିଲା ପ୍ରାଥମିକ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ଧୀରେନ୍ଦ୍ର ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦ୍ରୋଣ ରଣା, ପଦ୍ମଲୋଚନ ସୁନା, ଜିଲା ପ୍ରାଥମିକ ଶିକ୍ଷକ ସଂଘର ଉପସଭାନେତ୍ରୀ ଅର୍ଚ୍ଚନା ମିଶ୍ର, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ


ଅବସରକାଳୀନ ସମ୍ବର୍ଦ୍ଧନାରେ ମଞ୍ଚାସୀନ ଅତିଥି।

ପ୍ରମୋଦ ମହାନ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ବଦଳି ହୋଇଥିବା ବରିଷ୍ଠ ଶିକ୍ଷୟିତ୍ରୀ ତଥା ବିଶ୍ୱାଳଙ୍କ ଧର୍ମପତ୍ନୀ କଳ୍ପନା ସ୍ୱାଇଁଙ୍କୁ ମଧ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଲାଞ୍ଜିଗଡ଼ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ଉପସଭାପତି ଦୁଃଶାସନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାକୁ ଗୋବର୍ଦ୍ଧନପୁର ସିଆର୍‌ସିସି ତପନ କୁମାର ଭୋଇ ପରିଚାଳନା କରିଥିଲେ। ଆରତୀବାଳା ବିଶ୍ୱାଳ ସ୍ୱାଗତ ଭାଷଣ ଏବଂ ପ୍ରଦୀପ କୁମାର ପୁଷ୍ଟି ଧନ୍ୟବାଦ ଦେଇଥିଲେ। ଶେଷରେ ବିଶ୍ୱାଳଙ୍କୁ ନେଇ ଏକ ବିଶାଳ ପଟୁଆର ତାଙ୍କ ବାସଭବନ ଯାଏଁ ଯାଇଥିଲା।

## କାମ ଶୀଘ୍ର ସମ୍ପୂର୍ଣ୍ଣ ପାଇଁ ବିଡିଓଙ୍କୁ ଦାବିପତ୍ର

ମୁରିବାହାଲ,୨୭।୪(ଡ଼ି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ପତ୍ରାପାଲି(ଖ)ପଞ୍ଚାୟତରେ ୩୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୬ ବର୍ଷ ତଳୁ ନିର୍ମାଣାଧୀନ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ କୋଠା ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡିରହିଛି। ଏହାକୁ ଅତିଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ଗୁରୁବାର ପଞ୍ଚାୟତ ସରପଞ୍ଚ ଲବଣି

**ପତ୍ରାପାଲି(ଖ)ପଞ୍ଚାୟତ କାର୍ଯ୍ୟାଳୟ**

**■କୋଠା ୬ବର୍ଷ ପରେ ବି ଅସମ୍ପୂର୍ଣ୍ଣ**

ନାଗ ଓ ପଞ୍ଚାୟତର ସମିତି ସଭ୍ୟା ତଥା ବ୍ଲକ ଉପାଧକ୍ଷା ଯାଜ୍ଞସେନୀ ହାତୀଙ୍କ ନେତୃତ୍ୱରେ ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଓ ଗ୍ରାମବାସୀ ବିଡିଓ ପୂର୍ଣ୍ଣାନନ୍ଦ ପଟେଲଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଗ୍ରାମର ଚନ୍ଦ୍ରମଣି ହାତୀ, ଲୋକେଶ୍ୱର ନାଗ, ପ୍ରଫୁଲ୍ଲ ନାଗ, ମୋହିତ ଯାନୀ, ନିରୁପମା ପରାଭୋଇ, ଅମୃତ ମାଝୀ, ବନିତା ବାଗ,ସୀତାରାମ ହାତୀ,ରମେଶ ହିଆଲ, କୌଶଲ୍ୟା ନାଗ, ଚାବିଦାର ନାଗ ପ୍ରମୁଖ ଉପସ୍ଥିତ ଥିଲେ। ଦାବିପତ୍ର ଗ୍ରହଣ କରି ବିଡିଓ ପଟେଲ ଏ ସମ୍ପର୍କରେ ତଦନ୍ତ କରି ଶୀଘ୍ର କାର୍ଯ୍ୟ କେମିତି ସମ୍ପୂର୍ଣ୍ଣ ହେବ ତାର ବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଦେବାନନ୍ଦ ମେହେରଙ୍କୁ ପଚାରିବାରେ ଏମଜିଏନଆରଇଜିଏସରୁ ୨୦ଲକ୍ଷ ଓ ଏସଏଫସିରୁ ୧୫ଲକ୍ଷକୁ ମିଶାଇ ମୋଟ ୩୫ଲକ୍ଷ ଟଙ୍କା ଉକ୍ତ କାର୍ଯ୍ୟାଳୟ ନିର୍ମାଣ ପାଇଁ ମଞ୍ଜୁର ହୋଇଛି। ତେବେ ଏପର୍ଯ୍ୟନ୍ତ ପ୍ଲିନଥ ଉପର ପର୍ଯ୍ୟନ୍ତ କାମ କରାଯାଇଛି। ସେତିକି କାର୍ଯ୍ୟ ପାଇଁ ମୋଟ ୧୧ଲକ୍ଷ ଟଙ୍କାର ବିଲ୍ ହୋଇ କାମ ବନ୍ଦ ରହିଛି ବୋଲି ପ୍ରକାଶ କରିଥିଲେ। ବ୍ଲକର ନୂତନ ଭାବେ ଗଠିତ ୪ଟି ପଞ୍ଚାୟତରୁ ଅନ୍ୟ ୩ଟି ପଞ୍ଚାୟତ ବିଟାବନ୍ଧ, ବାନ୍ଦୁପଲା ଓ ଗରଗଡ଼ବାହାଲ ଗ୍ରାମ ପଞ୍ଚାୟତ କାର୍ଯାଳୟ କୋଠା ବହୁ ଦିନରୁ ସମ୍ପୂର୍ଣ୍ଣ ହୋଇସାରିଛି।



ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## କର୍ମୀ ସମ୍ମିଳନୀ ନୁହେଁ , ଦଳ ବିରୋଧୀ କାର୍ଯ୍ୟ

ଲୋଇସିଂହା,୨୭।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବୁର୍ଡା ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ବିଜେଡିର ଏକ ଗୋଷ୍ଠୀ ପକ୍ଷରୁ ବୁଧବାର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ କର୍ମୀମାନେ ଏହି ଅଞ୍ଚଳର ଯୁବନେତା ନିହାର ରଞ୍ଜନ ବେହେରା ୨୦୧୯ ନିର୍ବାଚନରେ ଦଳ ବିରୋଧୀ କାର୍ଯ୍ୟ କରିଥିବା ଅଭିଯୋଗ କରି ଖୋଲାଖୋଲି ବିରୋଧ କରିଥିଲେ। ଏଣୁ ଏଭଳି ବ୍ୟକ୍ତିଙ୍କୁ ଦଳର ନେତୃତ୍ୱ ଦେବାକୁ ନେଇ ଉଦବେଗ ପ୍ରକାଶ କରିଥିଲେ କର୍ମୀ। ଏ ସଂପର୍କିତ ଖବର ଗଣମାଧମରେ ପ୍ରକାଶ ପାଇଥିଲା। ଏହାପରେ ଗୁରୁବାର ସ୍ଥାନୀୟ ଅଗ୍ରେସନ ଭବନଠାରେ ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲୋଇସିଂହା ବ୍ଲକ ସଭାପତି ହୃଦୟାନନ୍ଦ ବେହେରା, ଆଗଲପୁର ବ୍ଲକ ସଭାପତି ପଞ୍ଚୁ ପଧାନ ଓ ପୁଇଁତଳା ବ୍ଲକ ସଭାପତି ବିଷ୍ଣୁ ପଟେଲଙ୍କ ପକ୍ଷରୁ ଖବରଦାତା ସମ୍ମିଳନୀ ଡକାଯାଇଥିଲା। ବୁଧବାର ହୋଇଥିବା


ଅଗ୍ରେସନ ଭବନରେ ଆହୂତ ଖବରଦାତା ସମ୍ମିଳନୀରେ ୩ ବ୍ଲକ ସଭାପତି।

ଉକ୍ତ କର୍ମୀ ସମ୍ମିଳନୀ ସମ୍ପର୍କରେ ୩ ବ୍ଲକ ସଭାପତି ଜାଣି ନ ଥିବା ଖବରଦାତା ସମ୍ମିଳନୀରେ କହିଥିଲେ। ସେମାନେ କହିଥିଲେ ଯେ, ୨୦୨୪ ନିର୍ବାଚନକୁ ଆଖି ଆଗରେ ରଖି କେତେକ ମୁଷ୍ଟିମେୟ ବ୍ୟକ୍ତି ନିଜକୁ ବିଜେଡି କର୍ମୀ ବୋଲି ପରିଚୟ ଦେଇ ଏପରି କର୍ମୀ ସମ୍ମିଳନୀ ଆୟୋଜନ କରିବା ପରିତାପର ବିଷୟ। ନିର୍ବାଚନମଣ୍ଡଳୀ ଅଞ୍ଚଳରେ ଦଳୀୟ ସଂଗଠନରୁ ଆରମ୍ଭ କରି ସାମାଜିକ, ସାଂସ୍କୃତିକ, ଆଧାତ୍ମିକ କାର୍ଯ୍ୟକ୍ରମ ସମେତ ଲୋକଙ୍କ ସୁଖ ଓ ଦୁଃଖରେ ଯୁବନେତା ବେହେରା ଛିଡା ହୋଇ ଆସୁଛନ୍ତି। ୨୦୧୯ ନିର୍ବାଚନ ପରାଜୟ ପରେ ଏବଂ କୋଭିଡ ମହାମାରୀ ସମୟରେ ମଧ ଲୋକଙ୍କୁ ସେବା ଯୋଗାଇବାରେ ହେଳା କରିନାହାନ୍ତି। ଦଳ ଏବଂ ଲୋକଙ୍କ ପାଇଁ ଅନବରତ କାମ କରି ଆସୁଛନ୍ତି। ଏଣୁ ବୁଧବାର ହୋଇଥିବା କର୍ମୀ ସମ୍ମିଳନୀ , କର୍ମୀ ସମ୍ମିଳନୀ ନୁହେଁ , ତାହା ଦଳ ବିରୋଧୀ କାର୍ଯ୍ୟ ବୋଲି ୩ ବ୍ଲକ ସଭାପତି ଖବରଦାତା ସମ୍ମିଳନୀରେ କହିଥିଲେ। ୨୦୧୯ ନିର୍ବାଚନରେ ଦଳର ପରାଜୟ ପରେ ସଂଗଠନର ନେତୃତ୍ୱ ନେବା ପାଇଁ କାହିଁକି ସେମାନେ ଜଣେ ବ୍ୟକ୍ତିଙ୍କୁ ବାଛି ପାରିନାହାନ୍ତି ବୋଲି ଅଭିଯୋଗକାରୀଙ୍କୁ ପାଲଟା ପ୍ରଶ୍ନ କରିଛନ୍ତି। ଖବରଦାତା ସମ୍ମିଳନୀରେ ୨୦୨୨ ପଞ୍ଚାୟତ ନିର୍ବାଚନ ପାଣ୍ଠି ବଣ୍ଟନରେ ହେରଫେର ଏବଂ ଠିକା ବଣ୍ଟନ ଅଭିଯୋଗକୁ ଖଣ୍ଡନ କରାଯାଇଥିଲା। ବ୍ଲକ ସଭାପତିମାନଙ୍କ ଅଗୋଚରରେ ଏବଂ ଦଳ ବିରୋଧୀ କାର୍ଯ୍ୟ କରିଥିବାରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦଳର ସୁପ୍ରିମୋ, ଜିଲା ସଭାପତି ତଥା ମନ୍ତ୍ରୀ ଟୁକୁନି ସାହୁ ଏବଂ ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓଙ୍କ ଦୃଷ୍ଟିକୁ ଅଣାଯିବ ବୋଲି ଖବରଦାତା ସମ୍ମିଳନୀରେ କୁହାଯାଇଛି। ବୁଧବାର ଏକ ଗୋଷ୍ଠୀ କର୍ମୀ ସମ୍ମିଳନୀ କରି ଦଳର ନେତୃତ୍ୱ ଉପରେ ଅସନ୍ତୋଷ ଜାହିର କରିଥିଲେ। ଅପରପକ୍ଷେ ୩ ବ୍ଲକ ସଭାପତି ଯୁବନେତାଙ୍କ ପକ୍ଷ ଧରିଥିବାରୁ ବିଜେଡି ମଧରେ ଅର୍ନ୍ତଦ୍ୱନ୍ଦ୍ୱ ଥିବା ନେଇ ସାଧାରଣରେ ଆଲୋଚନା ହେଉଛି।

## ସଂକ୍ଷେପରେ

### ଭୁବନେଶ୍ୱରପୁର ଗାଁରେ ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ପାଇକମାଲ,୨୭ା୪(ଡି.ଏନ.ଏ.):** ବରଗଡ ଜିଲା ପାଇକମାଲ ବ୍ଲକ ଭୁବନେଶ୍ୱରପୁରଠାରେ ନବନିର୍ମିତ କାଳେଶ୍ୱର ମହାଦେବ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବୃନ୍ଦାବନ ସାହୁ ଓ ସଙ୍ଗୀତା ସାହୁ ଏବଂ ଯୁଗେଶ୍ୱର ସାହୁ ଓ ଶ୍ରଦ୍ଧାଞ୍ଜଳି ସାହୁ ଦମ୍ପତି ପୂଜାକର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏହି ପରିପ୍ରେକ୍ଷୀରେ ଷୋହଳ ପ୍ରହର ନାମ ସଂକୀର୍ତ୍ତନ ଓ ଜଳନ୍ଧର ଦରବାର ଆୟୋଜନ କରାଯାଇଥିଲା। ପ୍ରତ୍ୟହ ବିଭିନ୍ନ ଗ୍ରାମରୁ ହଜାର ହଜାର ଭକ୍ତ ଯୋଗଦାନ କରିଥିଲେ। ରାତିରେ ଅପେରା ଓ ଦଣ୍ଡନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରତିଦିନ ଶ୍ରଦ୍ଧାଳୁ ଭକ୍ତମାନଙ୍କ ପାଇଁ ଅନ୍ନଭୋଗ ବ୍ୟବସ୍ଥା କରାଯାଇଥିଲା। ଗ୍ରାମବାସୀ ସହଯୋଗ କରିଥିଲେ।

### ବସ୍ତି ଅଣତାଲିକାଭୁକ୍ତ ଯାଞ୍ଚ କମିଟି ବୈଠକ

**ପଦ୍ମପୁର, ୨୭ା୪(ଡି.ଏନ.ଏ.):** ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍ଏସି) ସମ୍ମିଳନୀ କକ୍ଷରେ ଅଣତାଲିକାଭୁକ୍ତ ଯାଞ୍ଚ କମିଟିର ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ସଦାକର କୁମ୍ଭାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ୬ଟି ବସ୍ତିର ୯ଟି ମୌଳିକ ସୁବିଧା ପୂରଣ ହୋଇଥିବାରୁ ତାକୁ ଅଣତାଲିକାଭୁକ୍ତ କରିବା ପାଇଁ ଜିଲାପାଳ ତଥା ପୌରାଧ୍ୟକ୍ଷ ବସ୍ତି ଅଞ୍ଚଳ ପୁନଃବିକାଶ ଓ ଥଇଥାନ କମିଟିକୁ ସୁପାରିଶ ପାଇଁ ପ୍ରେରଣ କରାଗଲା। ଏନଏସି ଅଧ୍ୟକ୍ଷା ସାବିତ୍ରୀ ବାଗ, ଉପାଧ୍ୟକ୍ଷା ଭାରତୀ ପଟ୍ଟନାୟକ, ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ, ଯାଞ୍ଚ କମିଟି ସଭ୍ୟ ନିରୋଜ ଦୋରାଙ୍କ ସମେତ ୬ଟି ବସ୍ତି ବାସିନ୍ଦା ସଂଘର ସଭାପତି, ସମ୍ପାଦକ ବୈଠକରେ ଉପସ୍ଥିତ ଥିଲେ। ଏନ୍ଏସି ଗୋଷ୍ଠୀ ସଙ୍ଗଠିକା ତଥା ଅନ୍ୟ କର୍ମଚାରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

**ଉଲୁଣ୍ଡା,୨୭ା୪(ସ୍ୱ.ପ୍ର.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ହାଇସ୍କୁଲ ସମ୍ମୁଖରେ ବୁଧବାର ବିଳମ୍ବିତ ରାତିରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉଲୁଣ୍ଡା ଗଣ୍ଡାବାହାଲର କମଲ କୁମାର ତରାଇ (୨୩) । କମଲ ଉଲୁଣ୍ଡା ସଦର ଡାକ୍ତରଖାନାରେ ସିକ୍ୟୁରିଟି ଗାର୍ଡ ଭାବରେ କାର୍ଯ୍ୟରତ ଥିଲେ।

ସୂଚନା ଅନୁସାରେ, ବୁଧବାର ବିଳମ୍ବିତ ରାତିରେ କମଲ ନାଏକପଡ଼ାରେ ଏକ ବିବାହ ଉତ୍ସବରେ ଯୋଗଦେଇ ବାଇକ୍ ଯୋଗେ ନିଜ ଘର ଗଣ୍ଡାବାହାଲକୁ ଫେରୁଥିଲେ। ତେବେ ଉଲୁଣ୍ଡା ହାଇସ୍କୁଲ ସମ୍ମୁଖରେ କୌଣସି କାରଣରୁ ଭାରସାମ୍ୟ ହରାଇବାରୁ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ତାଙ୍କୁ ଉଦ୍ଧାର କରାଯାଇ ସଦର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ବୁର୍ଲା ଡାକ୍ତରଖାନାକୁ ପଠାଯାଇଥିଲା। ମାତ୍ର ସେଠାରେ ଡାକ୍ତର କମଲଙ୍କୁ ମୃତ ଘୋଷଣା କରିଥିଲେ।

### ଅଗ୍ରଗାମୀ କଳା ଓ ସଂସ୍କୃତି ଅନୁଷ୍ଠାନ ପକ୍ଷରୁ ନାଟକ ମଞ୍ଚସ୍ଥ

**ଖଡ଼ିଆଲ,୨୭ା୪(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ ଚଳାନପଡା ଗୋଇମୁଣ୍ଡି ଅଗ୍ରଗାମୀ କଳା ଓ ସାଂସ୍କୃତିକ ଅନୁଷ୍ଠାନ ୩୩ ବର୍ଷରେ ୧୫ ଗୋଟି ନାଟକ ପରିବେଷଣ କରି କଳାକୁ ବଞ୍ଚାଇ ରଖିଥିବା ବେଳେ ଚଳିତବର୍ଷ ପାଇଁ ସୁଖ ଚାରଣାକୁ ଦୁଃଖ ବାରଣା ନାଟକ ମଞ୍ଚସ୍ଥ ହୋଇଯାଇଛି । ନାଟକ ମଞ୍ଚସ୍ଥ ପୂର୍ବରୁ ଏକ ଉଦ୍ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଅନୁଷ୍ଠାନର ସଭାପତି ଅରବିନ୍ଦ ସିଂ ବାରିକ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ଖଡିଆଲ ବ୍ଲକ ଅଧ୍ୟକ୍ଷ ପୁଷ୍ପାଞ୍ଜଳି ନନ୍ଦ, ସମ୍ମାନିତ ଅତିଥି ଭାବେ ଖଡ଼ିଆଲ ନଗରପାଳ ଉଜ୍ଜ୍ୱଳ ଗୁପ୍ତା , ଜିଲା ପରିଷଦ ସଦସ୍ୟ ଚିତ୍ତ ରଞ୍ଜନ ବେହେରା, ସହ କୃଷି ଅଧିକାରୀ ଦୀପ୍ତିମୟୀ ବାରିକ, ଲିଟିଲ ଷ୍ଟାର ପବ୍ଲିକ ସ୍କୁଲର ନିର୍ଦ୍ଦେଶକ ଗୋପାଳ ଦାସ, ବରଗାଁ ସରପଞ୍ଚ ଗୋବିନ୍ଦ ବିହାରୀ ବାରିକ, ସେଣ୍ଟ ଜେଭିଆର ସ୍କୁଲର ନିର୍ଦ୍ଦେଶକ ପ୍ରବୀଣ ଠାକୁର, ନାଟକର ନିର୍ଦ୍ଦେଶକ କ୍ଷୀର ପ୍ରସାଦ ରାଉତରାୟ, ସହ ନିର୍ଦ୍ଦେଶକ ପ୍ରହ୍ଲାଦ ପଣ୍ଡା, ଉପ ସଭାପତି ନରେଶ ବାରିକ, ସମ୍ପାଦକ ସୌରଭ ବାରିକ ମଞ୍ଚାସୀନ ହୋଇଥିଲେ । ନାଟକର ବିଭିନ୍ନ ଭୂମିକାରେ ରାଜକପୁର ବାରିକ, ପ୍ରଶାନ୍ତ ବାରିକ, ଚିତ୍ତ ରଞ୍ଜନ ରାଉତ, ଅନନ୍ତ କୁମାର ବାରିକ, ଧର୍ମବୀର ରାଉତ, ମକରଧ୍ୱଜ କାଣ୍ଡ, ଶଶୀ କୁମାର ରାଉତରାୟ, ସୁଧାଂଶୁ ଶେଖର ବାରିକ, ରମା ରଞ୍ଜନ ରାଉତ, କୁଳଦୀପ ପ୍ରଧାନ, ପାର୍ଥ ସାରଥୀ ବାଗ, ସମୀର ରଞ୍ଜନ ବାରିକ, ସୌରଭ ବାରିକ, ଅରବିନ୍ଦ ବାରିକ, ଅମିତ ବାରିକ, ରୋଶନ ତାଣ୍ଡି, କାହ୍ନା ବାରିକ, ଶ୍ରୀକାନ୍ତ ବାରିକଙ୍କ ସମେତ ରାଉରକେଲାର ୪ ଜଣ ମହିଳା କଳାକାର ନାଟକ ପରିବେଷଣ କରିଥିଲେ ।

# ପରିଶ୍ରମ ଅନୁସାରେ ମିଳୁନି ପ୍ରାପ୍ୟ



ଶ୍ରମିକମାନେ କେନ୍ଦୁପତ୍ରଗୁଡ଼ିକୁ ଖରାରେ ଶୁଖାଉଛନ୍ତି।

### ଏମାନେ ଯାହା କୁହନ୍ତି...



“ ବର୍ତ୍ତମାନ ବଜାରରେ ଅତ୍ୟାବଶ୍ୟକ ସାମଗ୍ରୀ ଦର ବଢି ଚାଲିଥିବା ବେଳେ କେନ୍ଦୁପତ୍ର ତୋଳାଳିଙ୍କୁ ଅଣଦେଖା କରାଯାଉଛି। କେନ୍ଦୁପତ୍ର ତୋଳିବା ଟଙ୍କାରେ ଘର ଚଳାଇବା କଷ୍ଟକର ହୋଇପଡୁଛି।

**-ମାଗିଖାଇ ସୁନା**



“ କେନ୍ଦୁପତ୍ର ସଂଗ୍ରହ କରିବା ପାଇଁ ଭୋର୍‌ରୁ ଉଠି ୮/୧୦ କି.ମି. ଯିବାକୁ ପଡୁଛି। ଘରକୁ ଫେରିବା ବେଳକୁ ୧୨ଟା ସମୟ ହୋଇଯାଉଛି। ପୁଣି ପତ୍ର ସବୁକୁ ଛାଟି ବିଡ଼ା ବାନ୍ଧି ଫଡ଼ିକୁ ଆଣିଲେ ସନ୍ଧ୍ୟା ହେଉଛି। ପରିଶ୍ରମ ଅନୁସାରେ ସରକାର ପ୍ରାପ୍ୟ ବୃଦ୍ଧି କଲେ ଆମେ ଉପକୃତ ହେବୁ ।

**-ବିନୋଦିନୀ ସେଟ**



“ ଆଜକୁ ୫୦ ବର୍ଷ ହେବ ପ୍ରତିବର୍ଷ ମୁ କେନ୍ଦୁପତ୍ର ତୋଳିବା କାମ କରୁଛି। ଗାଁ ପାଖରେ ଆଉ ପତ୍ର ମିଳୁନାହିଁ । ସକାଳୁ ଉଠି ବହୁ ଦୂରକୁ ଯିବାକୁ ପଡୁଛି। ଦୁଇ ପଇସା ରୋଜଗାର ହେଉଛି ବୋଲି ପ୍ରଚଣ୍ଡ ଖରାକୁ ବି ମାନୁନାହୁଁ । କିନ୍ତୁ ସରକାର ଆମ ପରିଶ୍ରମର ମୂଲ ବୁଝୁନି।

**-ଝୁଲକି ପେରା**

**ଭେଡ଼େନ, ୨୭ା୪(ଡ଼ି.ଏନ.ଏ.)**

### କେନ୍ଦୁପତ୍ର ତୋଳାଳି ଶୋଷଣର ଶିକାର

ସବୁଜ ହୀରା ଭାବେ ପରିଚିତ କେନ୍ଦୁପତ୍ରରୁ ସରକାର ପ୍ରତିବର୍ଷ କୋଟି କୋଟି ଟଙ୍କା ଲାଭ ପାଉଛନ୍ତି। ମାତ୍ର ବରଗଡ଼ ଜିଲା ଭେଡେନ ବ୍ଲକ ଅଞ୍ଚଳରେ ବଣ, ପାହାଡ଼ ବୁଲି କେନ୍ଦୁପତ୍ର ସଂଗ୍ରହ କରୁଥିବା ଶ୍ରମିକମାନେ ପରିଶ୍ରମ ଅନୁସାରେ ଉଚିତ୍ ପ୍ରାପ୍ୟ ପାଉ ନ ଥିବା ଅଭିଯୋଗ ହେଉଛି। ଶ୍ରମିକମାନେ ଭୋର୍‌ରୁ କେନ୍ଦୁପତ୍ର ସଂଗ୍ରହ ପାଇଁ ଘରୁ ବାହାରିଥାନ୍ତି। ପ୍ରଚଣ୍ଡ ଖରାକୁ ବେଖାତିର କରି ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ସେମାନେ କେନ୍ଦୁପତ୍ର ସଂଗ୍ରହ କରି ଘରକୁ ଫେରିଥାନ୍ତି। ସେମାନେ ଆଣିଥିବା ପତ୍ରକୁ ବାଛିବା ସହ ବିଡ଼ା ବା କେରି ବନ୍ଧିଥାନ୍ତି। ଏହାକୁ ପୁଣି ମୁଣ୍ଡରେ ବୋହି ନିକଟସ୍ଥ ଫଡ଼ି ଘରକୁ ନେଇ ନିଜେ ଗଣତି କରି ପତ୍ରବିଡ଼ାକୁ ଖରାରେ ଶୁଖାଇଥାନ୍ତି। ଏହାପରେ କେନ୍ଦୁପତ୍ର ବିଭାଗ କର୍ମଚାରୀ ତୋଳାଳି ଖାତାରେ ତାଙ୍କର ହିସାବ ଯୋଡ଼ିଥାନ୍ତି। ତେବେ ଏହି ପତ୍ର ସଂଗ୍ରହ ପ୍ରତିଦିନ ହୁଏନାହିଁ। ମେଘୁଆ ପାଗ କିମ୍ବା କଅଁଳି ପତ୍ର ଦେଖାଗଲେ ବିଭାଗୀୟ କର୍ମଚାରୀ ଦିନେ ଦୁଇଦିନ ପତ୍ର ତୋଳିବା ବନ୍ଦ କରିଥାନ୍ତି। ସରକାରୀ ହିସାବରେ ଗୋଟିଏ କେରି ବା ବିଡ଼ାରେ ଅନ୍ୟୂନ ୨୫ଟି ପତ୍ର ରହିଥିବା ବେଳେ ୧୦୦ କେରିକୁ ଗୋଟିଏ ଚଟା ହିସାବ କରାଯାଇଥାଏ। ଗୋଟିଏ ଚଟାକୁ ସରକାର ମାତ୍ର ୧୪୦ ଟଙ୍କା ଧାର୍ଯ୍ୟ କରିଛନ୍ତି। ଯାହାକି ତୋଳାଳିମାନେ ପରିଶ୍ରମ ଅନୁସାରେ ଉଚିତ୍ ପ୍ରାପ୍ୟ ନ ପାଇ ଶୋଷଣର ଶିକାର ହେଉଛନ୍ତି। ଅପରପକ୍ଷେ ଝିଅ ବାହାଘର ପାଇଁ ଦିଆଯାଉଥିବା ସହାୟତା ରାଶିକୁ ସରକାର ବନ୍ଦ କରି ହେଇଥିବାରୁ କେନ୍ଦୁପତ୍ର ତୋଳାଳିଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଗୋଡ଼ଭଗା ରେଞ୍ଜ୍ ମେହେନା ସେକ୍ସନ ଟିହିକିପାଲି ଫଡ଼ି ରେଞ୍ଜ୍ ଫରେଷ୍ଟର ମୋନାଲିସା ବାବୁଙ୍କୁ ପଚାରିବାରୁ ସେ କହିଲେ, ସରକାର ଚଳିତବର୍ଷ ବୋନସ ବାବଦ ଆଗତୁରା ଶ୍ରମିକମାନଙ୍କ ଆକାଉଣ୍ଟରେ ୧ ହଜାର ଟଙ୍କା ପ୍ରଦାନ କରିଛନ୍ତି। ତେବେ ପତ୍ର ତୋଳାଳିଙ୍କ ଧାର୍ଯ୍ୟ ଦର ଅପରିବର୍ତ୍ତିତ ରହିଛି। ଆଗର କେନ୍ଦୁପତ୍ର ତୋଳାଳିଙ୍କ ଝିଅ ବାହାଘର ପାଇଁ ସ୍ଥିର ହୋଇଥିବା ସହାୟତା ରାଶିକୁ ସରକାର ବନ୍ଦ କରିଦେଇଥିବା ବାବୁ ପ୍ରକାଶ କରିଥିଲେ।

### କୋଶଳିଆ ମାଳି ସମାଜ ଧର୍ମଶାଳା ପ୍ରତିଷ୍ଠା ମହୋତ୍ସବ

**ପାଇକମାଲ,୨୭ା୪(ଡି.ଏନ.ଏ.)**

ପଶ୍ଚିମ ଓଡିଶାର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ନୃସିଂହନାଥଠାରେ କୋଶଳିଆ ମାଳି ସମାଜ ଦ୍ୱାରା ନବନିର୍ମିତ ଧର୍ମଶାଳା ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଛି। ଏଥିରେ ଓଡ଼ିଶା ଓ ଛତିଶଗଡ ରାଜ୍ୟର ସହସ୍ରାଧିକ ମାଳି ସମାଜର ସଦସ୍ୟ ଯୋଗଦାନ କରିଥିଲେ। ପ୍ରଥମେ ମହିଳାମାନେ ନୃସିଂହନାଥ ଝରଣାରୁ ଜଳପୂର୍ଣ୍ଣ କୁମ୍ଭ ସହ ଏକ ଶୋଭାଯାତ୍ରାରେ ଆସି ପୂଜାସ୍ଥଳରେ ସ୍ଥାପନ କରିଥିଲେ। ଲଳିତ ପଟେଲ, ଲୋକନାଥ ପଟେଲ, ପ୍ରହ୍ଲାଦ ପଟେଲ, ରଞ୍ଜନ ପଟେଲ, ନେତ୍ରାଜ ପଟେଲ, ଲବାର ପଟେଲ, ଟେକରାଜ ପଟେଲ, ଉଜ୍ଜ୍ୱଳ ପଟେଲ ଦମ୍ପତି ପୂଜାକର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିଲେ। ପରେ ଭୀଷ୍ମଦେବ ପଟେଲଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଛତିଶଗଡ ରାଜ୍ୟ ମାଳି ସମାଜ ସଭାପତି ରାଜେନ୍ଦ୍ର ନାୟକ, ଓଡିଶା ରାଜ୍ୟ ପୂର୍ବତନ ସଭାପତି ବିଶ୍ୱମ୍ଭର ପଟେଲ, ରାଜ୍ୟ ସଭାପତି ସୁବଳ ପଟେଲ, ଜିଲା ସଂଯୋଜକ ତେଜରାଜ ବାଗ, ଘେଁସ ସଭାପତି ଦୟାନିଧି ପଟେଲ ମଞ୍ଚାସୀନ ଅତିଥି ଥିଲେ। ଗୋବିନ୍ଦ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ସୁଶ୍ରୀ ଝିଲ୍ଲୀ ପୁଟେଲ ସୁନ୍ଦରାକାଣ୍ଡ ପାରାୟଣ କରିଥିଲେ। ବିଭିନ୍ନ କୀର୍ତ୍ତନ ମଣ୍ଡଳୀ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ଝାରବନ୍ଧ, ପାଇକମାଳ, ପଦ୍ମପୁର, ବରଗଡ, ବଲାଙ୍ଗୀର, ସୁବର୍ଣ୍ଣପୁର, ନୂଆପଡା, ଛତିଶଗଡ ରାଜ୍ୟ ମାଳି ସମାଜର ପ୍ରତିନିଧି ଯୋଗଦାନ କରିଥିଲେ।

# ଅଙ୍ଗ ନଦୀରେ ଆଡ଼ିବନ୍ଧ ନିର୍ମାଣ ହେଉ

**ଜିଲାପାଳଙ୍କୁ ଫେରାଦ ହେଲେ ଚାଷୀ**

**ବରଗଡ଼ ଅଫିସ୍,୨୭ା୪**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଅଣଜଳସେଚିତ ଅଞ୍ଚଳ। ଏଠାରେ କୌଣସି ସ୍ଥାୟୀ ଜଳସେଚନ ବ୍ୟବସ୍ଥା ନାହିଁ। କାଁ ଭାଁ କେଉଁଠି ଫାର୍ମପଣ୍ଡ ଥିବାବେଳେ କେତେକ ସ୍ଥାନରେ ଉଠାଜଳସେଚନ ବ୍ୟବସ୍ଥା ହୋଇଛି। ମାତ୍ର ତାହା ମଧ୍ୟ ଧର୍ମକୁ ଆଖିଠାର ଭଳି। ଏଭଳି ସ୍ଥିତିରେ ଅଙ୍ଗ ନଦୀରେ ଆଡ଼ିବନ୍ଧ କରି ଜଳସେଚନ ବ୍ୟବସ୍ଥା କରିବାକୁ ଚାଷୀମାନେ ଦାବି କରିଛନ୍ତି। ଏଭଳି ଦାବି ନେଇ ପଦ୍ମପୁର ଉପଖଣ୍ଡ ଚାରପାଲି ପଞ୍ଚାୟତ ଜାମଖାର, ଲମ୍ବରଯୁନା, ବମ୍ବରିତ ଗ୍ରାମର ଚାଷୀମାନେ ବୁଧବାର ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।



ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀ ପ୍ରତିନିଧିବୃନ୍ଦ ।

ଜଳସେଚନ ବ୍ୟବସ୍ଥା ନ ଥିବା ଯୋଗୁ ଉକ୍ତ ଗ୍ରାମବାସୀ ବାରମ୍ବାର ମରୁଡ଼ିର ସମ୍ମୁଖୀନ ହୋଇ ଆସୁଛନ୍ତି। ଅନ୍ୟପଟେ ଗ୍ରାମ ନିକଟରେ ଅଙ୍ଗ ନଦୀ ପ୍ରବାହିତ ହୋଇଛି। ସ୍ଥାନେ ସ୍ଥାନେ ଉଠାଜଳସେଚନ ବ୍ୟବସ୍ଥା କରାଯାଇଛି। ହେଲେ ସେଥିରୁ ଚାଷୀମାନେ ଅଧିକ ଉପକୃତ ହୋଇ ପାରୁନାହାନ୍ତି। ଅଙ୍ଗ ନଦୀର ଲମ୍ବରଯୁନା ପାଖରେ ସରକାରଙ୍କ ପକ୍ଷରୁ ଆଡ଼ିବନ୍ଧ କରାଗଲେ ଅନେକ ଅଣଜଳସେଚିତ ଅଞ୍ଚଳକୁ ଜଳସେଚନ ବ୍ୟବସ୍ଥା ହୋଇପାରିବ ବୋଲି ଚାଷୀମାନେ କହିଛନ୍ତି। ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି। ରାଧେଶ୍ୟାମ ବିଶ୍ୱାଳ, ଚିନ୍ତାମଣି ବିଶ୍ୱାଳ ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ।

### ବସ୍‌ରେ ଲାଗିଲା ନିଆଁ: ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

**ଡୁଙ୍ଗୁରିପାଲି,୨୭ା୪(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ୨୬ ନମ୍ବର ଜାତୀୟ ରାଜପଥର ଡୁଙ୍ଗୁରିପାଲି ବସଷ୍ଟାଣ୍ଡଠାରେ ଏକ ଘରୋଇ ଯାତ୍ରୀବାହୀ ବସରେ ନିଆଁ ଲାଗିଯାଇଥିବା ବେଳେ ବସ ଭିତରେ ଥିବା ଯାତ୍ରୀ ଅଳ୍ପକେ ରକ୍ଷା ପାଇଯାଇଥିବା ଜଣାପଡିଛି। ପ୍ରକାଶ ଯେ, ଗୁରୁବାର ଏକ ଘରୋଇ ଯାତ୍ରୀବାହୀ ବସ ( ନଂ ଓଡି ୦୩ ୫୭୪୭) ବରଗଡରୁ ବଲାଙ୍ଗୀର ଯାଉଥିବା ବେଳେ ଡୁଙ୍ଗୁରିପାଲି ବସଷ୍ଟାଣ୍ଡଠାରେ ଅଟକି ଥିଲା । ଏହି ସମୟରେ ସ୍ଥାନୀୟ ଲୋକେ ବସର ପଛପଟ ଚକା ତଳେ ନିଆଁ ଲାଗିଥିବା ଦେଖିବାକୁ ପାଇଥିଲେ। ଏପରି କି ବସର ଏକ ଚକା ନିଆଁରେ ଜଳି ଫାଟିଯାଇଛି । ତେବେ ନିଆଁ ଲାଗିବା ଦେଖି ତୁରନ୍ତ ବସ ଭିତରେ ଥିବା ଯାତ୍ରୀମାନଙ୍କୁ ବାହାରକୁ କାଢି ନିଆଯାଇଥିଲା । ପରେ ପାଣି ପକାଯାଇ ନିଆଁକୁ ଆୟତ୍ତ କରାଯାଇଥିଲା ।

# ଶିକ୍ଷା, ବୃତ୍ତି, ସଂସ୍କୃତି ଉପରେ ଆଲୋଚନା

**ଭେଡ଼େନ,୨୭ା୪ (ଡି.ଏନ.ଏ.)**

**ବ୍ଲକସ୍ତରୀୟ ଭୁଲିଆ ସମାଜ ବୈଠକ**

ବରଗଡ଼ ଜିଲା ଭେଡ଼େନ ବ୍ଲକ ମହୁଲପାଲି ପଞ୍ଚାୟତ ଅନ୍ତର୍ଗତ ଟିହିକିପାଲି ଗ୍ରାମରେ ବ୍ଲକସ୍ତରୀୟ ଭୁଲିଆ ସମାଜର ସାଧାରଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ପ୍ରେମରାଜ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମାଜର ଶିକ୍ଷା, ବୃତ୍ତି ଓ ସଂସ୍କୃତି ଉପରେ ଆଲୋଚନା ହୋଇଥିଲା। ବିଶେଷ କରି ସମାଜରେ ନାରୀ ଶିକ୍ଷାକୁ ପ୍ରାଧାନ୍ୟ ଦେବା ସହ ଝିଅମାନଙ୍କୁ ଅନ୍ୟୂନ ଯୁକ୍ତ ୨ ପର୍ଯ୍ୟନ୍ତ ଶିକ୍ଷା ଦେବା ସହ ନିଜର କୌଳିକ ବୃତ୍ତିକୁ ଆପଣେଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ସମାଜର ଚାଲିଚଳଣି, ପରମ୍ପରା ଏବଂ ଭୁଲିଆ ଭାଷାକୁ ଉଜ୍ଜୀବିତ ପାଇଁ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦିଆଯାଇଥିଲା। ଏହି ଅବସରରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ବାନ୍ଧଶିଳ୍ପୀ ଶ୍ରଦ୍ଧାଞ୍ଜଳି ମେହେରଙ୍କୁ ସମାଜ ପକ୍ଷରୁ ସମ୍ମାନିତ କରାଯାଇଥିଲା। ୨୦୨୪ରେ ଗଙ୍ଗାଧର ମେହେରଙ୍କ ୧୦୦ତମ ଶ୍ରାଦ୍ଧ ବାର୍ଷିକୀ ପାଇଁ ବରପାଲିଠାରେ ଏକ ବିଶାଳ ମହାସଭା ଆୟୋଜନର ସୂଚନା ଦିଆଯାଇଥିଲା। ବ୍ଲକ ସମ୍ପାଦକ କରୁଣାକର ମେହେର ବୈଠକ ସଂଯୋଜନା କରିଥିବା ବେଳେ ଟିହିକିପାଲି ଗ୍ରାମବାସୀ ସହଯୋଗ କରିଥିଲେ ।



ବୈଠକରେ ମଞ୍ଚାସୀନ କର୍ମକର୍ତ୍ତାଗଣ।

# ବିଦେଶୀ ମଦ ଦୋକାନ ସ୍ଥାନାନ୍ତର ଦାବି

**ପାଇକମାଲ,୨୭ା୪(ଡି.ଏନ.ଏ.)**

ବରଗଡ ଜିଲା ପାଇକମାଲରେ ଥିବା ବିଦେଶୀ ମଦ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ଦାବି ଜୋର୍ ଧରିଛି। ଏଥିପାଇଁ ମଦ ଦୋକାନ ମାଲିକ ମାଗିଥିବା ୧ବର୍ଷ ୬ ମାସର ସମୟ ସୀମା ଶେଷ ହେବା ସତ୍ତ୍ୱେ ଏଯାଏ ମଦ ଦୋକାନ ସ୍ଥାନାନ୍ତର ହେଲାନାହିଁ। ଫଳରେ ଅଞ୍ଚଳରେ ଅସନ୍ତୋଷ ବଢିବାରେ ଲାଗିଛି। ଏହି ମର୍ମରେ ଅଞ୍ଚଳବାସୀ ପାଇକମାଲ ଅବକାରୀ ଅଧୀକ୍ଷକଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଅବକାରୀ ଅଧିକାରୀଙ୍କୁ ଗୁରୁବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମଦ ଦେକାନ ଅତିଶୀଘ୍ର ସ୍ଥାନାନ୍ତର ନ ହେଲେ ଆଗକୁ ପୁଣି ଆନ୍ଦୋଳନ କରାଯିବ ବୋଲି ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର କେନ୍ଦ୍ରୀୟ ଆବାହକ ରବିନାରାୟଣ ସାହୁ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ଉକ୍ତ ମଦ ଦେକାନ ଏକ ନିଛାଟିଆ ଜାଗାକୁ ସ୍ଥାନାନ୍ତର କରିବା ପାଇଁ ଗ୍ରାମବାସୀ ୨ବର୍ଷ ତଳେ ଆନ୍ଦୋଳନ କରିଥିଲେ। ଫଳରେ ଦୋକାନ ମାଲିକ ଏଥିପାଇଁ ସମୟ ମାଗିଥିଲେ। ରାଜରାସ୍ତା ପାଖରେ ମଦ ଦୋକାନ ଥିବାରୁ ଅଞ୍ଚଳବାସୀ ଏବଂ ଛାତ୍ରୀଛାତ୍ର ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

### ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା

**ଖପ୍ରାଖୋଲ,୨୭ା୪(ଡି.ଏନ.ଏ.):** ଖପ୍ରାଖୋଲ ଥାନା ଭାନପୁର ପଞ୍ଚାୟତ ଡୁର୍ଲା ଗାଁରେ ଜଣେ ବ୍ୟକ୍ତି ବିଷ ପିଇ ଆତ୍ମହତ୍ୟା କରିଥିବା ଜଣାଯାଇଛି। ମୃତ ବ୍ୟକ୍ତି ଜଣକ ହେଲେ ହିରାଧର ନାଗ(୪୫)। ସୂଚନା ଅନୁସାରେ, କୌଣସି କଥାକୁ ନେଇ ଘରୋଇ କଳି ହୋଇଥିବା ବେଳେ ହିରାଧର ବିଷ ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଖପ୍ରାଖୋଲ ଡାକ୍ତରଖାନା ଏବଂ ପରେ ପାଟଣାଗଡ ଉପଖଣ୍ଡ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଖପ୍ରାଖୋଲ ଥାନାରେ ନଂ୪/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ପ୍ରାଥମିକ ତଦନ୍ତରୁ ଘରୋଇ କଳିରୁ ହିରାଧର ଆତ୍ମହତ୍ୟା କରିଥିବା ପୋଲିସ କହିଛି।

# ଷୋହଳ ପ୍ରହର ନାମଯଜ୍ଞ ସମ୍ପନ୍ନ

**ପାଇକମାଲ,୨୭ା୪(ଡି.ଏନ.ଏ.)**

ବରଗଡ ଜିଲା ପାଇକମାଲ ବ୍ଲକ ଅନ୍ତର୍ଗତ ସୋଡା ଗ୍ରାମରେ ଷୋହଳ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ପ୍ରଥମେ ନାମଯଜ୍ଞ ନାମ ସଂକୀର୍ତ୍ତନ ପୂର୍ବରୁ ଗ୍ରାମର ଯୁବକମାନଙ୍କ ଦ୍ୱାରା ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ନାମଯଜ୍ଞରେ ପଣ୍ଡିତ ହୃଷୀକେଶ ଦେବତା ଓ ସାଥୀ ପୌରୋହିତ୍ୟ କରିଥିବା ବେଳେ ପ୍ରମୋଦ ପ୍ରଧାନ ଓ ତାଙ୍କ ସ୍ତ୍ରୀ ସଞ୍ଜୁଲତା ପ୍ରଧାନ ପୂଜା କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଯଜ୍ଞ କମିଟି ସଭାପତି ଦେବାର୍ଚ୍ଚନ ସାହୁ, ଗ୍ରାମ୍ୟ କମିଟି ସଭାପତି ଶ୍ୟାମ ରଣା, କୋଷାଧ୍ୟକ୍ଷ କୁବେର ରଣା, ଟେମରି ସରପଞ୍ଚ ଦିଲୀପ ବେହେରା ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଯୁବକମାନେ ସଫେଇ କରୁଛନ୍ତି।

# ବରଗଡ଼-ରାୟଗଡ଼ ରେଳପଥ ଦାବିକଲା ଉପଭୋକ୍ତା ସଂଘ

**ବରଗଡ଼ ଅଫିସ,୨୭ା୪**

ବରଗଡ଼ ଜିଲା ଭଟଲିର ପ୍ରସିଦ୍ଧ ଚନ୍ଦନ ଯାତ୍ରାର ଅଷ୍ଟମ ରଜନୀରେ ରାଜଦରବାରକୁ ବରଗଡ ଜିଲା ରେଳ ଉପଭୋକ୍ତା ସଂଘ ନିମନ୍ତ୍ରିତ ହୋଇଥିଲା। ସଂଘର ସଦସ୍ୟମାନଙ୍କୁ ରାଜଅତିଥି ଭାବେ ଯଥାରୀତି ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ମଞ୍ଚରେ ସଂଘ ସଭାପତି ପ୍ରଦୀପ ଦେବତା ସଂଘକୁ ନିମନ୍ତ୍ରଣ ଦେଇ ଗୌରବାନ୍ୱିତ କରିଥିବାରୁ ମହାରାଜ ହଂସକ ଓ ଡିମ୍ଭକ ତଥା ଯାତ୍ରା କମିଟିକୁ ଧନ୍ୟବାଦ ଜଣାଇଥିଲେ। ସେ ନିଜ ବକ୍ତବ୍ୟରେ ଜିଲାର ରେଳ ସମସ୍ୟା ବିଷୟରେ ଆଲୋକପାତ କରିଥିଲେ। ବରଗଡ଼ ଜିଲାରୁ ସକାଳୁ ଭୁବନେଶ୍ୱର ତଥା ସିଧାସଳଖ ଦିଲ୍ଲୀ ପାଇଁ କୌଣସି ଟ୍ରେନ ନ ଥିବାରୁ ଆଗାମୀ ଦିନରେ ଏକ ବଡଧରଣର ଆନ୍ଦୋଳନ ହେବ ବୋଲି ଦେବତା ସୂଚନା ଦେଇଥିଲେ। ଅନେକ ଦିନର ଦାବି ବରଗଡ଼-ନୂଆପଡା



ଚନ୍ଦନ ଯାତ୍ରାରେ ଯୋଗ ଦେଇଥିବା ରେଳ ଉପଭୋକ୍ତା ସଂଘର ପ୍ରତିନିଧିବୃନ୍ଦ ।

ଭାୟା ପଦ୍ମପୁର ରେଳଲାଇନ ପାଇଁ ପଥ ପରିଷ୍କାର ହୋଇଥିବା ତଥା ଏଥିରେ ବରଗଡ଼ ଜିଲା ରେଳ ଉପଭୋକ୍ତା ସଂଘ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବା କଥା ସେ ଜଣାଇଥିଲେ। ଦେବତା କହିଥିଲେ, ଯଦି ଅସମ୍ଭବ ଜଣାପଡୁଥିବା ବରଗଡ଼-ନୂଆପଡା ରେଳପଥ ସମ୍ଭବ ହୋଇପାରୁଛି ତେବେ ବରଗଡ-ଭଟଲି-ରାୟଗଡ ରେଳପଥ କାହିଁକି ସମ୍ଭବ ହୋଇ ପାରିବ ନାହିଁ। ବରଗଡ଼ ରେଳ ଉପଭୋକ୍ତା ସଂଘ ଏହି ରେଳ ପ୍ରକଳ୍ପକୁ ଗମ୍ଭୀରତା ସହ ନେବ ଏବଂ ଆମେ ନ ହେଲେ ମଧ୍ୟ ଆମର ଆଗାମୀ ପିଢି ନିଶ୍ଚୟ ଏଠାରେ ରେଳପଥ ଦେଖିବାକୁ ପାଇବେ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ର ପଣ୍ଡା, କମଳ ଯୋଷୀ, ଗୋପାଳ ଚନ୍ଦ୍ର ଦାଶ ଓ ଅଚ୍ୟୁତାନନ୍ଦ ବାରିକ ମଞ୍ଚରେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଇଞ୍ଜିନରେ ନିଆଁ ଲାଗି ଜଳିଗଲା ଟ୍ରକ୍



ଜମନକିରା,୨୭।୪(ଡି.ଏନ.ଏ.): ୫୩ନଂ. ଜାତୀୟ ରାଜପଥର ଜମନକିରା ଥାନା ପିଠାମାରେନଠାରେ ଗୁରୁବାର ଏକ ପିଆଜ ବୋଝେଇ ଟ୍ରକ୍ ଇଞ୍ଜିନରେ ନିଆଁ ଲାଗି ଜଳିଯାଇଛି। ତେବେ ଗାଡିରେ ଥିବା ଖଲାସୀ ଓ ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁସାରେ, ସକାଳ ସାଢ଼େ ୫ଟା ସମୟରେ ନାସିକରୁ ପିଆଜ ନେଇ ଟ୍ରକ୍ (ପିବି୬୫ବିବି ୭୨୬୫) କଲିକତା ଅଭିମୁଖେ ଯାଉଥିଲା। ଜମନକିରା ପିଠାମାରେନ ପୋଲ ନିକଟରେ କୌଣସି କାରଣରୁ ହଠାତ୍ ଟ୍ରକ୍ ଇଞ୍ଜିନରେ ନିଆଁ ଲାଗିଯାଇଥିଲା। ଚାଳକ ଓ ଖଲାସୀ ଗାଡିରୁ ଓହ୍ଲାଇ ଅଗ୍ନିଶମ ବିଭାଗ ଓ ପୋଲିସକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଟ୍ରକ୍‌ଟି ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

### ପୂର୍ବତନ ତହସିଲଦାରଙ୍କୁ ୩ ବର୍ଷ ଜେଲ

ଅନୁଗୋଳ ଅଫିସ/ଜଗତ୍‌ସିଂହପୁର ଅଫିସ,୨୭।୪: ଲାଞ୍ଚ ନେଇ ଧରାପଡ଼ିଥିବା ରାଉରକେଲାର ପୂର୍ବତନ ତହସିଲଦାର ତଥା ଜଗତ୍‌ସିଂହପୁର ଜିଲା ଏରସମାର ବିଡିଓ କୈଳାସ ଚନ୍ଦ୍ର ବେହେରାଙ୍କୁ ଅନୁଗୋଳସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ କୋର୍ଟ ଗୁରୁବାର ୩ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ସୂଚନାଯୋଗ୍ୟ, ରାଉରକେଲାର ପୂର୍ବତନ ତହସିଲଦାର ବେହେରା ଏକ ଲିଜ୍ ଜମି ବାତିଲ ନ କରିବାକୁ ରାମଦିନ ସାହୁ ନାମକ ଜଣେ ବ୍ୟକ୍ତିଙ୍କ ପାଖରୁ ୫୦ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ହାତରେ ଧରା ପଡ଼ିଥିଲେ। ମାମଲାର ବିଚାର ସୁନ୍ଦରଗଡ଼ ଜିଲାରେ ହେଉଥିବାବେଳେ ଆଇନଜୀବୀ ଆନ୍ଦୋଳନ ପାଇଁ ସେଠାରେ ବିଚାର ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥିଲା। ପରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଏହାକୁ ଅନୁଗୋଳ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ସ୍ଥାନାନ୍ତର କରାଯାଇଥିଲା। ଅନୁଗୋଳ ଭିଜିଲାନ୍ସ ଜଜ୍ ଅନୁପ ପଟ୍ଟନାୟକ ଉକ୍ତ ମାମଲାରେ ୫ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରିବା ସହ ପ୍ରମାଣ ଆଧାରରେ ଅଭିଯୁକ୍ତ ପୂର୍ବତନ ତହସିଲଦାରଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏହାସହ ୫ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ସରକାରୀ ଓକିଲ ଗଦାଧର ସାହୁ ପରିଚାଳନା କରିଥିଲେ।

### ବିଷ ପିଇ ଆତ୍ମହତ୍ୟା

ଖପ୍ରାଖୋଲ,୨୭।୪(ଡି.ଏନ.ଏ.): ଖପ୍ରାଖୋଲ ଥାନା ଭାନପୁର ପଞ୍ଚାୟତ ତୁର୍ଲା ଗାଁରେ ଜଣେ ବ୍ୟକ୍ତି ବିଷ ପିଇ ଆତ୍ମହତ୍ୟା କରିଥିବା ଜଣାଯାଇଛି। ମୃତ ବ୍ୟକ୍ତି ଜଣକ ହେଲେ ହିରାଧର ନାଗ(୪୫)। ସୂଚନା ଅନୁସାରେ, କୌଣସି କଥାକୁ ନେଇ ଘରୋଇ କଳି ହୋଇଥିବା ବେଳେ ହିରାଧର ବିଷ ପିଇ ଦେଇଥିଲେ।

# ଉନ୍ନୟନ କାମ ସାରିବାକୁ ନିର୍ଦ୍ଦେଶ

ସମ୍ବଲପୁର,୨୭।୪(ବ୍ୟୁରୋ)

ସମ୍ବଲପୁର ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସମ୍ମିଳନୀ କକ୍ଷଠାରେ ଗୁରୁବାର ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଡ଼. ସୁରେଶ ଚନ୍ଦ୍ର ଦଳେଇଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ପ୍ରକଳ୍ପର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଲୋଚନା ପରେ ଉନ୍ନୟନ କାମ ସମ୍ପୂର୍ଣ୍ଣ କରିବାକୁ ଆର୍‌ଡିସି ଦଳେଇ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରେଳବାଇ ପ୍ରକଳ୍ପ ମଧ୍ୟରେ ଖୋର୍ଦ୍ଧା-ବଲାଙ୍ଗୀର, ସମ୍ବଲପୁର-ତାଳଚେର ଡବ୍ଲିଙ୍ଗ, ସମ୍ବଲପୁର-ଟିଟିଲାଗଡ଼ ଡବଲ ଲାଇନ, ବୃନ୍ଦାମାଳ-ଝାରସୁଗୁଡ଼ା, ଆଇବି ଫ୍ଲାଇଓଭର, ସେଲଗାଁ -ବୁଢାପଙ୍କ ଫୋର ଲାଇନ, ଅନୁଗୋଳ-ସୁକିନ୍ଦା, ରାଞ୍ଚି-ବନ୍ଧମୁଣ୍ଡା ଓ ବନ୍ଧମୁଣ୍ଡା ଫୋର ଲାଇନ କାମର ସମୀକ୍ଷା ହୋଇଥିଲା। ସେହିପରି ଜଳସେଚନ ପ୍ରକଳ୍ପ ମଧ୍ୟରେ ଲୋୟର ସୁକତେଲ, କାନପୁର ଜଳସେଚନ ପ୍ରକଳ୍ପ, ରେଙ୍ଗାଲି ଜଳସେଚନ ପ୍ରକଳ୍ପ, ରେଙ୍ଗାଲି ଡାହାଣ କେନାଲ ସିଷ୍ଟମ, ଦେଓ



ସମୀକ୍ଷା ବୈଠକରେ ଆର୍‌ଡିସିଙ୍କ ସହ ବିଭିନ୍ନ ବିଭାଗୀୟ ଅଧିକାରୀ।

**ଆର୍‌ଡିସିଙ୍କ ସମୀକ୍ଷା**

ପ୍ରକଳ୍ପ, ହୀରାକୁଦ ସ୍ପିଲୱେ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ଅନ୍ୟାନ୍ୟ ପ୍ରକଳ୍ପ ମଧ୍ୟରେ ତାଳଚେର-ବିମଳାଗଡ଼ ରେଳ ଲିଙ୍କ, ଅନୁଗୋଳ-କଟକ, ବନରପାଳରୁ ଗଦୀବନ୍ଦ, ତାଳଚେର-ଦୁବୁରି ଚଣ୍ଡିଖୋଲ, ବିରମିତ୍ରପୁରରୁ ବ୍ରାହ୍ମଣୀ ବାଇପାସ୍ ଏଣ୍ଡ ଅଫ, ରାଜାମୁଣ୍ଡାରୁ ବାରକୋଟ ସେକ୍ସନ, କୋଇଡାରୁ ରାଜାମୁଣ୍ଡା, ସିଂହାରାରୁ ବିଞ୍ଜାବାହାଲ ସେକ୍ସନ ଅଫ ଫୋର ଲାଇନ, ପାଣିକୋଇଲିରୁ ରିମୁଳି ସେକ୍ସନ ଅଫ ଫୋର ଲେନିଂ, ବିଞ୍ଜାବାହାଲ-ତିଲେଇବଣି ସେକ୍ସନ ଅଫ ଚାରିଥାକିଆ ରାସ୍ତା, ସମ୍ବଲପୁର ରିଂ ରୋଡ୍, ରେଢ଼ାଖୋଲ ବାଇପାସ ଆଦିର ସମୀକ୍ଷା କରିଛନ୍ତି। ବୈଠକରେ ଜଳସେଚନ, ଜାତୀୟ ରାଜପଥ ବିଭାଗ ଓ ରେଲୱେ ଅଧିକାରୀଙ୍କ ସମେତ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ସମୟସୀମା ମଧ୍ୟରେ ସମସ୍ତ ପ୍ରକଳ୍ପ କାମ ସାରିବାକୁ ଆର୍‌ଡିସି ଦଳେଇ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ନୂତନ ସମନ୍ୱିତ ବିଦ୍ୟୁତ୍ ନିୟନ୍ତ୍ରଣ କକ୍ଷ ଉଦ୍‌ଘାଟିତ

ରାଉରକେଲା ଅଫିସ,୨୭।୪

ଆର୍‌ଏସ୍‌ପିର କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ-୧ (ସିପିପି-୧) ନୂତନ ୩୩ କେଭି ଗ୍ୟାସ ଇନସୁଲେଟେଡ ସିଷ୍ଟମ ସବଷ୍ଟେଶନ ତଥା ନୂତନ ସମନ୍ୱିତ ବିଦ୍ୟୁତ୍ ନିୟନ୍ତ୍ରଣ କକ୍ଷ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଉଦ୍‌ଘାଟନ କରିଥିଲେ। ଏଥିରେ କାର୍ମିକ ଓ ପ୍ରଶାସନ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥୀ, ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, ଅର୍ଥ ବିଭାଗ ସିଜିଏମ୍ ଇନଚାର୍ଜ ଏ. କେ. ବେହୁରିଆ, ସେବା ବିଭାଗ ସିଜିଏମ୍ ଇନଚାର୍ଜ ଦେବବ୍ରତ ଦତ୍ତ ଏବଂ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଉତ୍ତମ କାର୍ଯ୍ୟ ସାଧନ ଏବଂ କାର୍ଯ୍ୟ ନିପୁଣତା ପାଇଁ ବିଦ୍ୟମାନ ଏୟାର ଇନ୍‌ସୁଲେଟେଡ ସିଷ୍ଟମ ସବଷ୍ଟେଶନକୁ ଉକ୍ତ ଗ୍ୟାସ୍ ଇନସୁଲେଟେଡ ସିଷ୍ଟମ ସବଷ୍ଟେଶନରେ ରୂପାନ୍ତରଣ ନିମନ୍ତେ କାର୍ଯ୍ୟକାରୀ କରାଯାଇଛି। ଏହି ଅବସରରେ ଭୌମିକ ସଫଳ କମିଶନିଂ ପାଇଁ ସିପିପି-୧ ସାମୁଦାୟିକ ସହ ବିଦ୍ୟୁତ୍ ବିତରଣ, ସିଇଟି ଏବଂ ସ୍ନାଇଡର ବିଦ୍ୟୁତ୍ ବିଭାଗ ଦଳକୁ ଅଭିନନ୍ଦନ ଜଣାଇଥିଲେ।

ସୂଚନାଯୋଗ୍ୟ, ଏହି ଜଟିଳ ବୈଷୟିକ ପ୍ରକଳ୍ପର ଉନ୍ନତୀକରଣ କାର୍ଯ୍ୟ ୨୦୨୧ ଅଗଷ୍ଟରେ ଆରମ୍ଭ ହୋଇଥିଲା। ପ୍ରକଳ୍ପ ସିପିପି-୧ କାର୍ଯ୍ୟ ଦକ୍ଷତାରେ ଉନ୍ନତି ସାଧନ କରିବା, ୧୯୫୦ ଦଶକ ଶେଷଭାଗରେ ସିପିପି-୧ର ୩୩କେଭି ସବଷ୍ଟେଶନରେ ୫୦ଟି ପ୍ୟାନେଲ, ସିଙ୍କ୍ରୋନାଇଜ୍ଡ ଜେନେରେଟର ଓ ଡବଲ ବସ ପାୱାର ବ୍ୟବସ୍ଥାରେ ୩ଭାଗରେ ବିଭକ୍ତ ଏକାଧିକ ଫିଡର ରହିଛି। ଆରଏସ୍‌ପିର ଜଟିଳ ଓ ବିଶେଷ ମହତ୍ତ୍ୱପୂର୍ଣ୍ଣ କାଟୋଗୋରି-୧ ପାୱାର ସିଷ୍ଟମର ନିର୍ଭରଶୀଳତା ଓ ସ୍ଥିରତାରେ ଉନ୍ନତି ତଥା ବୈଷୟିକ ଅନୁପଯୁକ୍ତତା ଦୂରୀକରଣ ପାଇଁ ଏହି ୭ଦଶନ୍ଧି ପୁରୁଣା ସବଷ୍ଟେଶନକୁ ଅତ୍ୟାଧୁନିକ ସୁରକ୍ଷା ଓ ନିୟନ୍ତ୍ରଣ ପ୍ରଣାଳୀ ସହିତ ଉନ୍ନତୀକରଣ କରାଯାଉଛି। ଏତଦ୍ ବ୍ୟତୀତ ନିୟନ୍ତ୍ରଣ କକ୍ଷର ମଧ୍ୟ ନବୀକରଣ କରାଯାଉଛି। ଏହା ଏକ ବ୍ରାଉନ ଫିଲ୍ଡ ପ୍ରୋଜେକ୍ଟ ହୋଇଥିବା ଯୋଗୁ ପାଖ ଅଞ୍ଚଳର ଉତ୍ପାଦନକୁ ପ୍ରଭାବିତ ନ କରି ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯାଉଛି। ପ୍ରକଳ୍ପ ପ୍ରାୟ ୨୨.୫ କୋଟି ଟଙ୍କା ବ୍ୟୟରେ କାର୍ଯ୍ୟକାରୀ କରାଯାଉଛି। ସିପିପି-୧ ବିଭାଗର ସିଜିଏମ୍ ପାୱାର ବି. କାର୍ଥାଙ୍କ ତତ୍ତ୍ୱାବଧାନରେ ପ୍ରକଳ୍ପ କାର୍ଯ୍ୟକାରୀ କାର୍ଯ୍ୟ ଚାଲିଛି। କାର୍ଯ୍ୟରେ ବିଦ୍ୟୁତ୍ ଶକ୍ତି ବଣ୍ଟନ ବିଭାଗ ଏବଂ ଆର୍‌ଏସ୍‌ପିର ଅନ୍ୟାନ୍ୟ ବିଭାଗ ତଥା ପ୍ରକଳ୍ପ ପରାମର୍ଶଦାତା ରାଞ୍ଚି ସିଇଟି ସମନ୍ୱୟରେ ଚାଲିଛି। ନୂତନ ପ୍ରକଳ୍ପ ଉଦ୍‌ଘାଟନୀ ସମାରୋହ କାର୍ଯ୍ୟକ୍ରମ ବି. ସୁନୀଲ କାର୍ଥାଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।




ଆର୍‌ଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ପ୍ରକଳ୍ପକୁ ଉଦ୍‌ଘାଟନ କରୁଛନ୍ତି।

# ୨ ଗାଡ଼ି ଜବତ, ୮୧ ଗୋରୁ ଉଦ୍ଧାର

ସମ୍ବଲପୁର,୨୭।୪(ବ୍ୟୁରୋ)

ସମ୍ବଲପୁର ସଦର ଥାନା ଅର୍ନ୍ତଗତ ମାନେଶ୍ୱର ଓ ନୀଳଡୁଙ୍ଗୁରି ନିକଟରେ ଗୁରୁବାର ୨ ଗୋଟି ଗୋରୁ ଚାଲାଣ ଗାଡିକୁ ପୋଲିସ ପ୍ରଥମେ ଜବତ କରିଥିଲା। ପରେ ଗାଡିରେ ଥିବା ଗୋରୁମାନଙ୍କୁ ଗୋଶାଳାରେ ଛାଡି ଦିଆଯାଇଛି। ଘଟଣାରେ କାହାରିକୁ ଗିରଫ କରାଯାଇ ନାହିଁ। ଏ ନେଇ ପୃଥକ୍ ଭାବେ ୨ ଗୋଟି ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ, ମାନେଶ୍ୱର-ଜୟନ୍ତପୁର ରାସ୍ତା ଦେଇ ଏକ ଗୋରୁ ବୋଝେଇ ଟ୍ରକ୍ (ଓଆର୦୧ଟି-୩୭୨୬) ଜାତୀୟ ରାଜପଥକୁ ଯାଉଥିଲା। ମାନେଶ୍ୱର ଛକରେ ହଠାତ୍ ଗାଡି ଭିତରେ ଥିବା କେତେଜଣ ଲୋକ ଟ୍ରକ୍ ଛାଡି ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଗାଡି ଭିତରେ ଗୋରୁ ଥିବା ଦେଖି ପୋଲିସକୁ ଖବର ଦେଇଥିଲେ।



ସଦର ଥାନାରେ ଜବତ ଗୋରୁ ବୋଝେଇ କଣ୍ଟେନର।

ପୋଲିସ ପହଞ୍ଚି ଗାଡି ଯାଞ୍ଚ କରିଥିଲା ଓ ଭିତରେ ଥିବା ୫୩ ଗୋରୁ ବାହାରକରି ଗୋଶାଳାରେ ଛାଡିଦେଇଥିଲା। ସେହିପରି ବୁଧବାର ରାତି ପ୍ରାୟ ୧ଟାରେ ନୀଳଡୁଙ୍ଗୁରୀ ଗେଟ ଦେଇ ଏକ ଗୋରୁ ବୋଝେଇ ଟ୍ରକ୍ ଯାଉଥିବା ସ୍ଥାନୀୟ ଲୋକମାନେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଟ୍ରକ୍‌ରେ ଥିବା ୨୮ ଗୋରୁଙ୍କୁ ଆଣି ଗୋଶାଳାରେ ଛାଡି ଦେଇଥିଲା। ସ୍ଥାନୀୟ ଲୋକଙ୍କ ଅଭିଯୋଗକ୍ରମେ ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି।

## ଚନ୍ଦ୍ରଶେଖର ବେହେରାଙ୍କ ଜନ୍ମବାର୍ଷିକୀ ପ୍ରସ୍ତୁତି ବୈଠକ

ସମ୍ବଲପୁର,୨୭।୪(ବ୍ୟୁରୋ)

ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରଶେଖର ବେହେରାଙ୍କ ୧୫୦ତମ ଜନ୍ମ ବାର୍ଷିକୀ ସକାଶେ ପ୍ରସ୍ତୁତି ବୈଠକ ଗୁରୁବାର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଜନ୍ମ ବାର୍ଷିକୀ ସମିତି ଆବାହକ ରାମାନୁଜ ପଣ୍ଡା ସଭା ପରିଚାଳନା କରିବା ସହ ପୂର୍ବରୁ ହୋଇଥିବା ପ୍ରସ୍ତାବଗୁଡିକ ପାଠ କରିଥିଲେ। ଆସନ୍ତା ମେ ୨୦ ତାରିଖରେ ଚନ୍ଦ୍ରଶେଖର ବେହେରାଙ୍କ ଜନ୍ମ ବାର୍ଷିକୀ ନେଇ ଆଲୋଚନା କରାଯାଇଥିଲା। ସରକାରୀ ସ୍ତରରେ ଉତ୍ସବ ପାଳନ କରିବାକୁ ସମିତି କର୍ମକର୍ତ୍ତା ଦାବି କରିଛନ୍ତି। ବୈଠକରେ ଅରବିନ୍ଦ ମହାପାତ୍ର, ଡ. ପରେଶ ଚନ୍ଦ୍ର ଦାନି, ସୂର୍ଯ୍ୟ ପାଣିଗ୍ରାହୀ, ପ୍ରଶାନ୍ତ କୁମାର ପାଟ୍ଟଯୋଷୀ, ଦୀନବନ୍ଧୁ ପଣ୍ଡା, ଅଶୋକ କୁମାର ମିଶ୍ର, ଡ. ସନ୍ତୋଷ କୁମାର ଦାଶ, ହୃଷୀକେଶ ପୂଜାରୀ, ସୁରେଖା ସାହୁ, ରାଜେନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗନେଇଥିଲେ।

## ଦକ୍ଷତା ପ୍ରଦର୍ଶନ କଲେ ଏନ୍‌ଟିଆଇ ବିଦ୍ୟାର୍ଥୀ



ଜଣେ ପ୍ରତିଯୋଗୀ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

ରାଉରକେଲା ଅଫିସ,୨୭।୪

ଆଗାମୀ ଅନ୍ତର୍ଜାତୀୟ ସେବିକା ଦିବସ ପାଳନ ପରିପ୍ରେକ୍ଷୀରେ ଆର୍‌ଏସ୍‌ପି ଆଇଜିଏଚ୍ ଅଧୀନ ନର୍ସେସ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ (ଏନ୍‌ଟିଆଇ)ର ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ସେମାନଙ୍କ ଅନ୍ତର୍ନିହିତ ପ୍ରତିଭା, ସାମର୍ଥ୍ୟ, ଦକ୍ଷତା ପ୍ରଦର୍ଶନ କରିଛନ୍ତି। ଏହି ଅବସରରେ ଅନୁଷ୍ଠିତ ଖାଦ୍ୟ ମହୋତ୍ସବରେ ୬ଜଣ ସଦସ୍ୟ ୪ଟି ଗୋଷ୍ଠୀରେ ବିଭକ୍ତ ହୋଇ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରିଥିଲେ। ବ୍ୟଞ୍ଜନ ପ୍ରସ୍ତୁତି ଏବଂ ବିକ୍ରୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ବିଜେତା ଘୋଷିତ କରାଯାଇଥିଲା। ଦି କ୍ୟାଚ୍ ଅଫ୍ ଦି ସପ୍ ଷ୍ଟଲ୍ ଦେଇଥିବା ମଧୁଚନ୍ଦନ ସାହାଣୀ, ଝୁମ୍‌କୀ କର, ପାୟଲ ପି ଭି, ଭାଗବତୀ ମୁରୁଲିଆ, ଅଳୀ କର୍ଣ୍ଣଲ, ଇସ୍ମିତା ବିଶ୍ୱାଳ ପ୍ରତିଯୋଗିତାରେ ବିଜୟ ଲାଭ କରିଥିଲେ। ଅଙ୍କିତା ପରିଡା, ରଶ୍ମିତା ମହାନ୍ତି, ସାଗରିକା ମହାନ୍ତି, ଇନ୍ଦୁମତୀ ହାଜିରା, ଦୀପାରାଣି ବେହୁରା ଏବଂ ଆଲିସା ଆଚାର୍ଯ୍ୟଙ୍କୁ ନେଇ ଗଠିତ ଫୁଡି ସ୍ୱଟ ଲାଇଟ୍ ଦଳ ଉପବିଜେତା ହୋଇଥିଲା। ବାକ୍ ପ୍ରତିଯୋଗିତାରେ ୨୫ଜଣ ଛାତ୍ରୀଛାତ୍ର ଭାଗ ନେଇ ଆମର ନର୍ସ ଆମର ଭବିଷ୍ୟତ ଶୀର୍ଷକରେ ବକ୍ତୃତା ରଖିଥିଲେ। ଏଥିରେ ଜ୍ୟୋତିର୍ମୟୀ ପଟ୍ଟନାୟକ, ଅଙ୍କିତା ପରିଡା ଏବଂ ଏସ. କେ. ମହମ୍ମଦ ଆଜାଦ୍ ଯଥାକ୍ରମେ ୧ମ, ୨ୟ ଓ ୩ୟ ହୋଇଥିଲେ। ଏହାପରେ ମାଁ ବିଷୟବସ୍ତୁ ଆଧାରିତ କବିତା ଲିଖନ, ଆବୃତ୍ତି ପ୍ରତିଯୋଗିତାରେ ୨୩ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏଥିରେ ଆଲିଶା ଆଚାର୍ଯ୍ୟ, ସସ୍ମିତା ବେହେରା ଓ ଲିପିବର୍ଣ୍ଣ ବେହେରା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ଏକକ ନୃତ୍ୟ ପ୍ରତିଯୋଗିତାରେ ଶୁଭସ୍ମିତା ଦାଶ, ପ୍ରିୟଦର୍ଶିନୀ ମହାରଣା ଓ ବନିତା ଲେଙ୍କା କ୍ରମାନୁଯାୟୀ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଘୋଷିତ ହୋଇଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ପ୍ରତିଯୋଗିତାରେ ମୋଟ ୧୮ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ।

# ମିଲେଟ୍ ଦିବସରେ ମାଣ୍ଡିଆ ଖାଦ୍ୟ ପ୍ରଦର୍ଶିତ



ମାଣ୍ଡିଆକୃତ ଖାଦ୍ୟ ବ୍ୟଞ୍ଜନ ପ୍ରଦର୍ଶନ କରାଯାଉଛି।

ରାଉରକେଲା ଅଫିସ,୨୭।୪

ରାଉରକେଲା ଉଦିତନଗର ସ୍ଥିତ ସମନ୍ୱିତ ଶିଶୁ ବିକାଶ ବିଭାଗ ଆଇସିଡିଏସ୍ ଆନୁକୂଲ୍ୟରେ ଗୁରୁବାର କାର୍ଯ୍ୟାଳୟ ପରିସରରେ ୨୦୨୩ ଅନ୍ତର୍ଜାତୀୟ ମିଲେଟ୍ ଦିବସ ପାଳିତ ହୋଇଯାଇଛି। ସିଡିପିଓ ଦର୍ଶନୀ ଲାକ୍ରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସୁପରଭାଇଜର ତପସ୍ୱିନୀ ବାସେନ, ବିପିସି ପ୍ରତିଭା ଲାକ୍ରା ଓ ବିଏଲ୍‌ଏଫ୍ ସଭାପତି ଲକ୍ଷ୍ମୀ ସିଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ସୁନ୍ଦରଗଡ଼ ଓ ରାଉରକେଲା ମିଶନ ଶକ୍ତି ମହିଳାମାନେ ଅଂଶଗ୍ରହଣ କରି ମାଣ୍ଡିଆକୃତ ବିଭିନ୍ନ ଖାଦ୍ୟଦ୍ରବ୍ୟ ଦହିଛେନା, ଗୁପଚୁପ୍, କ୍ଷୀରି, ମାଣ୍ଡିଆ କାକରା, ପଲାଓ, କାକରା, ଜିଲେବି, ମାଣ୍ଡିଆ ସୁପ୍, ବଜାରା ହାଲୁଆ, ଲଡ୍ଡୁ, ଖଜୁରୀ ପିଠା, ଗୁଲଗୁଲା ଆଦି ପ୍ରଦର୍ଶନ ହୋଇଥିଲା। ଶେଷରେ କୃତିତ୍ୱ ଲାଭ କରିଥିବା ମହିଳାଙ୍କୁ ପୁରସ୍କୃତ କରାଯାଇଥିଲା।

## ଟ୍ରକ୍ ଧକ୍କାରେ କାର ଚୁରମାର

କୁଆଁରମୁଣ୍ଡା,୨୭।୪(ଡି.ଏନ.ଏ.)

କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଚୁଟିଆଟୋଲା ବାଇପାସ ନିକଟରେ ୧୪୩ ନମ୍ବର ଜାତୀୟ ରାଜପଥରେ ବୁଧବାର ସନ୍ଧ୍ୟା ସମୟରେ ଟ୍ରକ ଓ କାର ମଧ୍ୟରେ ଧକ୍କା ହୋଇଥିଲା। ଟ୍ରକ ରାଉରକେଲାରୁ ରାଞ୍ଚି ଅଭିମୁଖେ ଲୁହା ରଡ ନେଇ ଯାଉଥିଲା ବେଳେ ଚୁଟିଆଟୋଲା ବାଇପାସ ନିକଟରେ ଏକ କାର କୁଆଁରମୁଣ୍ଡାରୁ ସମଦିଗରେ ଯାଉଥିଲା। ଏହି ସମୟରେ ଉକ୍ତ ଟ୍ରକ ଓଡ଼ି୧୪ସି ୩୧୩୬ କାର ଓଡ଼ି୧୪ସ୧୦୭୫କୁ ପଛରୁ ଧକ୍କା ଦେଇଥିଲା। ଫଳରେ କାର ଭାଙ୍ଗି ଚୁରମାର ହୋଇଯାଇଥିବା ବେଳେ ଚାଳକ କୁଆଁରମୁଣ୍ଡାର ଏମଡି ସେହେନାୱାଜ ଓ କାରରେ ଥିବା ତାଙ୍କ ପରିବାର ଅଳ୍ପକେ ରକ୍ଷା ପାଇଥିବା ନେଇ ସେହେନାୱାଜ ଫାଣ୍ଡିରେ ଏତଲା ଦେଇଛନ୍ତି। ଫାଣ୍ଡି ଅଧିକାରୀ ଶ୍ୟାମଲାଲ ଓରାମ ଉକ୍ତ ଟ୍ରକକୁ ଜବତ କରି ଘଟଣାର ତଦନ୍ତ ଚଳାଉଥିବା ବେଳେ ଟ୍ରକ ଚାଳକ କିନ୍ତୁ ଘଟଣାସ୍ଥଳରୁ ଫେରାର ଅଛନ୍ତି।

# ନିଶା ନିବାରଣ ସଚେତନତା ସଭା

କୁଚିଣ୍ଡା,୨୭।୪(ଡି.ଏନ.ଏ.)

କୁଚିଣ୍ଡା ବ୍ଲକକୁ. ଜମନକିରା ପଞ୍ଚାୟତ ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ କୁକୁମ ଗ୍ରାମରେ ଗୁରୁବାର ନିଶା ନିବାରଣ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ନିଶା ନିବାରଣ ଅଭିଯାନର କୁଚିଣ୍ଡା ଉପଖଣ୍ଡ ସଭାପତି ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ କରୁଣାକର କିଷାନ ସଭାପତିତ୍ୱ କରିଥିଲେ। ଏଥିରେ ୧୧ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା, ଗ୍ରାମବାସୀ ଓ ପଞ୍ଚାୟତିରାଜ ପ୍ରତିନିଧିମାନେ ଯୋଗଦେଇ କୁକୁମ ଗ୍ରାମକୁ ନିଶାମୁକ୍ତ କରିବା ପାଇ ଶପଥ ଗ୍ରହଣ କରିଥିଲେ। ଗ୍ରାମ୍ୟ କମିଟି ସଭାପତି ରାଜେନ୍ଦ୍ର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ସମ୍ବଲପୁର ଜିଲା ନିଶା ବିବାରଣ ସଭାପତି ମୁଖ୍ୟଅତିଥି ଭାବେ ଯୋଗଦେଇ ନିଶାର ଅପକାରିତା ସମ୍ପର୍କରେ ଆଲୋଚନା କରିଥିଲେ। କିଷାନ ସମାଜ




ସଭାରେ ଉପସ୍ଥିତ ଅତିଥିମାନେ।

ଆଞ୍ଚଳିକ ଗୁଡ଼ି ସମ୍ପାଦକ ଲକ୍ଷ୍ମଣ କିଷାନ, ଗ୍ରାମର ଗୌନ୍ତିଆ ଜୟପ୍ରକାଶ ନାୟକ, ସିଆର୍‌ପି ରଞ୍ଜିତା ରଣା, ଚାଇଲ୍ଡ ଲାଇନ ଟିମ୍ ମେମ୍ବର ମିଲି ବାଦି, ୱାର୍ଡ ସଭ୍ୟା ସଂଯୁକ୍ତା କିଷାନ, ଶାନ୍ତିଲତା କିଷାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗ୍ରାମକୁ ନିଶାମୁକ୍ତ କରିବାକୁ ପ୍ରସ୍ତାବ ଦେଇଥିଲେ। ପରେ ସ୍ୱେଚ୍ଛାସେବୀ ସଞ୍ଜୟ ନାୟକ, ଗ୍ରାମ୍ୟ କମିଟି ସମ୍ପାଦକ ଛବିଳ କିଷାନ, ମିଶ୍ର କିଷାନ, ଧନେଶର କିଷାନଙ୍କ ନେତୃତ୍ୱରେ ଏକ ସଚେତନତା ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ପୂର୍ବ ନିଷ୍ପତ୍ତି ଅନୁଯାୟୀ ଗ୍ରାମରେ ସମସ୍ତ ପ୍ରକାର ନିଶା ବିକ୍ରୟକୁ ବନ୍ଦ କରିବା ଅନ୍ୟଥା ୫ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା କରାଯିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଶେଷରେ ୱାର୍ଡ ସଭ୍ୟା ସଂଯୁକ୍ତା କିଷାନ ଧନ୍ୟବାଦ ଦେଇଥିଲେ।

# ଭାଜପା ଏମ୍‌ପିଙ୍କୁ ଗିରଫ ଦାବିରେ ବିକ୍ଷୋଭ ପ୍ରଦର୍ଶନ

ରାଉରକେଲା ଅଫିସ,୨୭।୪

ଦେଶର ମହିଳା ମଲ୍ଲଯୋଦ୍ଧାଙ୍କ ପ୍ରତି ଯୌନ ନିର୍ଯାତନା ଅଭିଯୋଗରେ ଭାଜପା ଏମ୍‌ପି ବ୍ରିଜଭୂଷଣ ସରନ୍ ସିଂହଙ୍କୁ ଗିରଫ ଦାବି ଜୋର୍ ଧରିଛି। ଏହି କ୍ରମରେ ରାଉରକେଲା ଆମ୍ବାଗାନ ଛକରେ ସିଆଇଟିୟୁ ପକ୍ଷରୁ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦେଶରେ ମହିଳା ରେସଲରମାନଙ୍କୁ ନ୍ୟାୟ ପ୍ରଦାନ କରିବା ସହ ଘଟଣାର ନିରପେକ୍ଷ ତଦନ୍ତ ହେବା ଜରୁରୀ ବୋଲି ୟୁନିୟନର କର୍ମକର୍ତ୍ତା ଦାବି କରିଥିଲେ। ସିଆଇଟିୟୁ ସୁନ୍ଦରଗଡ ଜିଲା କମିଟିର ବରିଷ୍ଠ ଉପସଭାପତି ଶ୍ରୀମନ୍ତ ବେହେରା, ବସନ୍ତ ନାୟକ, ହୃଦାନନ୍ଦ ଯାଦବ, ରାଜକିଶୋର




ସିଆଇଟିୟୁର କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ପ୍ରଧାନ, ସୁରେନ୍ଦ୍ର ଦାଶ, ପ୍ରଭାତ ମହାନ୍ତି, ଦିବାକର ମହାରଣା, ଶାନ୍ତି ମିଞ୍ଜ, ରଷି ଜେନା, ବସନ୍ତ ପାଢ଼ୀ, ପ୍ରମୋଦ ପରିଡା, କୁନ୍ଦନ ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନ୍ୟାୟ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ

**ନିର୍ଯାତନା ସହି ନ ପାରି ତେଲଙ୍ଗାନାରୁ ଲୁଚିକି ଆସିଲେ ୩୦ରୁ ଊର୍ଦ୍ଧ୍ୱ ଶ୍ରମିକ**

**ଭବାନୀପାଟଣା,୨୭।୪(ସ୍ୱ.ପ୍ର.):** କଳାହାଣ୍ଡି ଜିଲାରେ ଥମୁନି ଦାଦନ ସମସ୍ୟା। ଗତ କିଛି ଦିନ ମଧରେ ଜିଲାର ୯ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଏଥିପ୍ରତି ଜିଲା ଶ୍ରମ ବିଭାଗ ତଥା ଜିଲା ପ୍ରଶାସନର ଆୟତ୍ତ ନ ଥିବାରୁ ଦିନକୁ ଦିନ ଏହି ସମସ୍ୟା ବଢ଼ିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ପୁଣି ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ତେଲଙ୍ଗାନା ରାଜ୍ୟକୁ କାମ କରିବାକୁ ଯାଇଥିବା ୩୦ରୁ ଊର୍ଦ୍ଧ୍ୱ ଶ୍ରମିକ ନିର୍ଯାତନା ସହି ନ ପାରି ଲୁଚିକରି ଫେରି ଆସିଛନ୍ତି। ନ୍ୟାୟ ପାଇଁ ସେମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ ମଧ ଦେଇଛନ୍ତି। ଏବେ ବି ସେଠାରେ ଅନେକ ଝିଅ (ନାବାଳିକା) ଫସି ରହିଥିବା ସେମାନେ କହିଛନ୍ତି। ସମସ୍ତେ ଜିଲାର ଲାଞ୍ଜିଗଡ଼ ବ୍ଲକ ବିଜେପୁର, ମାଲିଜୁବାଙ୍ଗ, କାନକୁଟୁ ଅଞ୍ଚଳର। ଗତ କିଛି ଦିନ ତଳେ ମୁନିଗୁଡ଼ାର ଜଣେ ଦଲାଲକଥାରେ ପଡ଼ି ଦାଦନ ଖଟିବାକୁ ତେଲଙ୍ଗାନାକୁ ଯାଇଥିଲେ। ସେଠାରେ ସେମାନେ ଏକ ଚିଙ୍ଗୁଡ଼ି କମ୍ପାନୀରେ କାମ କରୁଥିଲେ। ହେଲେ ମାଲିକଙ୍କ ପୁଅ ସେଠାରେ ସେମାନଙ୍କୁ ଶାରୀରିକ ନିର୍ଯାତନା ଦେବା ସହ ମାଡ଼ ମାରିବା ଭଳି ସଙ୍ଗିନ ଅଭିଯୋଗ ସେମାନେ ଆଣିଛନ୍ତି। ଶୀଘ୍ର ସେଠାରେ ଫସିଥିବା ନାବାଳିକା ଝିଅଙ୍କୁ ଉଦ୍ଧାର କରିବା ପାଇଁ ସେମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

### ସମାଜସେବାରେ ବ୍ରତୀ ପ୍ରଫେସର, ରୋଗୀଙ୍କୁ ବାଣ୍ଟିଲେ ଫଳ



**କୋକସରା,୨୭।୪(ଡି.ଏନ୍.ଏ.):** ପେସାରେ ସେ ଜଣେ ପ୍ରଫେସର, ନିଶା କିନ୍ତୁ ସମାଜସେବା। ଯେତେବେଳେ ସମୟ ମିଳେ ସମାଜସେବା କରିବାକୁ ଆଗେଇ ଆସନ୍ତି। ସେ ହେଲେ କଳାହାଣ୍ଡି ଜିଲା କୋକସରା ବ୍ଲକ କୋକସରା ଗ୍ରାମର ଡ଼.ଗୋପୀନାଥ ବାଗ୍। ବର୍ତ୍ତମାନ ସେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଓଡ଼ିଆ ବିଭାଗର ପ୍ରଫେସର ଅଛନ୍ତି। ଗୁରୁବାର ନିଜ ଗାଁକୁ ଆସି ଡାକ୍ତରଖାନାରେ ଚିକିତ୍ସାଧୀନ ରୋଗୀଙ୍କୁ ଭେଟି ଫଳମୂଳ ବାଣ୍ଟିବା ସହ ସେମାନଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି। ପ୍ରଫେସର ବାଗ୍‌ଙ୍କ ସହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ତତ୍ତ୍ୱଦର୍ଶୀ ଦାସ, ବିଜେଡି ସଭାପତି ସୁଶାନ୍ତ କୁମାର ବେହେରା, କୋକସରା ବ୍ଲକ ଯାଦବ ସମାଜ ସଭାପତି ବିନୋଦ ବିହାରୀ ରାଉତ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ରାଜେନ୍ଦ୍ର ନାୟକ, ବସନ୍ତ ପଟ୍ଟନାୟକ, ଖବରଦାତା ସନତ କୁମାର ପ୍ରଧାନି, ଦୁଷ୍ମନ୍ତ ପାଇଯୋଷୀ ପ୍ରମୁଖ ଉପସ୍ଥିତ ଥିଲେ।

### କୈବଲ୍ୟ ଫାଉଣ୍ଡେଶନ ପକ୍ଷରୁ ଅଙ୍ଗନୱାଡି କର୍ମୀଙ୍କ ପ୍ରଶିକ୍ଷଣ ଶିବିର

**କୋକସରା,୨୭।୪(ଡି.ଏନ୍.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ଜବାହର ଉଚ୍ଚ ବିଦ୍ୟାଳୟରେ କୈବଲ୍ୟ ଏଜୁକେଶନ ଫାଉଣ୍ଡେଶନ ପକ୍ଷରୁ ବ୍ଲକର ୧୬୮ ଅଙ୍ଗନୱାଡି କେନ୍ଦ୍ରର କର୍ମୀଙ୍କୁ ନେଇ ଖାଦ୍ୟ ଓ ପୋଷଣ ପ୍ରଶିକ୍ଷଣ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋକସରା ସମନ୍ୱିତ ବିକାଶ ପ୍ରକଳ୍ପ ଅଧିକାରୀ ସରୋଜା ଲତା ଦେଇ, ପ୍ରଶିକ୍ଷକ ଫକୀର ଚନ୍ଦ୍ର ସାହୁ, ନାରାୟଣ ଜେନା ସନ୍ତୁଳିତ ଆହାର, ମାତୃ ଓ ଶିଶୁ ସୁରକ୍ଷା କାର୍ଡର ଗୁରୁତ୍ୱ ଓ ଉପଯୋଗ ଉପରେ ପ୍ରଶିକ୍ଷଣ ଦେଇଛନ୍ତି। କିଶୋରୀ ବାଳିକାଙ୍କ ଉପରେ ଚାଲିଥିବା ଅଦ୍ୱିକା କାର୍ଯ୍ୟକ୍ରମ ଜରିଆରେ କିଶୋରୀ ବାଳିକା କିପରି ଏହି ଯୋଜନାର ଲାଭ ଉଠାଇପାରିବେ ସେନେଇ ମଧ ଆଲୋଚନା ହୋଇଥିଲା। ଗ୍ରାମାଞ୍ଚଳରେ ଗର୍ଭବତୀ ମହିଳାଙ୍କ ଖାଦ୍ୟପେୟ, ସ୍ୱାସ୍ଥ୍ୟ, ଟିକାକରଣ, ସ୍ୱଚ୍ଛତା, କେମିତି ଯତ୍ନ ନିଆଯିବ ସେ ନେଇ ପରାମର୍ଶ ଦିଆଯାଇଥିଲା। କୈବଲ୍ୟ ଏଜୁକେଶନ ଫାଉଣ୍ଡେଶନର ଏହି ସଚେତନତା କାର୍ଯ୍ୟକ୍ରମ ଅଙ୍ଗନୱାଡି କର୍ମୀଙ୍କୁ କାର୍ଯ୍ୟ କରିବା ପାଇଁ ପ୍ରେରଣା ଯୋଗାଇବ ବୋଲି ସିଡିପିଓ ସରୋଜା ଲତା କହିଛନ୍ତି। କାର୍ଯ୍ୟକ୍ରମକୁ ପର୍ଯ୍ୟବେକ୍ଷକଭାବେ ଆଇସିଡିଏସ୍ ସୁପରଭାଇଜର ସୋନିଆ ହେମ୍ବ୍ରମ, ପ୍ରିୟାସିନୀ ତାଣ୍ଡି, କୈବଲ୍ୟ ଏଜୁକେଶନ ଫାଉଣ୍ଡେଶନର ଜିଲା ପ୍ରତିନିଧି ମହେଶ୍ୱର ମାଝି, ସଚଳା ବାରିକ, ଅଭିନବ ପାଣ୍ଡେ, କୌଶଳ କିଶୋର, ଓମ୍‌ପ୍ରକାଶ, ନୀଳମାଧ ପରିଡ଼ା ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# କରଙ୍ଗାକଟା ଜଳ ପ୍ରଦୂଷଣ ନେଇ ବିକ୍ଷୋଭ



କରଙ୍ଗାକଟା ହିଡରେ ମହିଳାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ବଲାଙ୍ଗୀର ଅଫିସ, ୨୭।୪**

ବଲାଙ୍ଗୀର ସହର କେନ୍ଦ୍ରସ୍ଥଳରେ ଥିବା କରଙ୍ଗାକଟା ଜଳାଶୟର ଜଳ ପ୍ରଦୂଷଣ ଚରମ ସ୍ଥିତିରେ ପହଞ୍ଚିଛି। ଜଳ ପ୍ରଦୂଷଣ କଳାଶୟ ଉପରେ ନିର୍ଭରଶୀଳ ପଡାବାସୀଙ୍କ ପାଇଁ ଚର୍ମରୋଗ ଏବଂ ଅନ୍ୟାନ୍ୟ ଜଳ ସଂକ୍ରମିତ ରୋଗର କାରଣ ପାଲଟିଛି। ବାରମ୍ବାର ଅଭିଯୋଗ କରିବା ପରେ ବି ମ୍ୟୁନିସିପାଲିଟି ଏବଂ ଜିଲା ପ୍ରଶାସନ ଏ ଦିଗରେ କୌଣସି ବିହିତ ପଦକ୍ଷେପ ନ ନେବାରୁ ପଡାର ମହିଳାମାନେ କରଙ୍ଗାକଟା ବନ୍ଧ ହିଡରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରିଥିବା ଜଣାପଡିଛି।

ମହିଳାମାନଙ୍କ ଅଭିଯୋଗ ହେଲା, କରଙ୍ଗାକଟା ବନ୍ଧ ଉପରେ ବ୍ରାହ୍ମଣପଡା, ଗାନ୍ଧୀନଗର, ବିଭୂତିପଡା, ରାମେଶ୍ୱର ନଗର, ବରପାଲିପଡା, ଜଗନ୍ନାଥପଡା, ଏବିଏସ୍ଏସ୍, ରାମଜୀପଡା, ରାଧାରାଣୀପଡା ଏବଂ ଠିକାଦାରପଡା ଅଞ୍ଚଳର ଲୋକେ ସ୍ନାନ, ଶୌଚାଦି କର୍ମ ପାଇଁ ନିର୍ଭର କରିଥାନ୍ତି। ଏବେ ଖରା ଦିନ ହୋଇଥିବାରୁ ସକାଳୁ ସ୍ନାନ, ଶୌଚାଦି କର୍ମ ପାଇଁ ଏହି ବନ୍ଧରେ ଲୋକଙ୍କ ଭିଡ ଜମୁଛି। ତେବେ ଖରା ଦିନରେ କରଙ୍ଗାକଟା ଜଳସ୍ତର କମି ଯାଇଥିବା ଏବଂ ଜଳ ଦୂଷିତ ହୋଇଯାଇଥିବାରୁ ଲୋକେ ଗାଧୋଇବା ବେଳେ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ବିଶେଷକରି ଭୋର ସମୟରେ ସ୍ନାନ ସାରି ଘର କାମ ଏବଂ ଅନ୍ୟାନ୍ୟ କାମରେ ବ୍ୟସ୍ତ ରହୁଥିବା ମହିଳାମାନେ ଦୂଷିତ ପାଣିରେ ଗାଧୋଇବା ଯୋଗୁ ବିଭିନ୍ନ ଚର୍ମ ରୋଗରେ ଆକ୍ରାନ୍ତ ହେବା ଦେଖାଯାଇଛି। ଏହା ସହିତ କେତେଜଣ ଜଳ ସଂକ୍ରମିତ ରୋଗର ଶିକାର ହେଉଥିବା ଅଭିଯୋଗ କରିଛନ୍ତି। ସ୍ଥାନୀୟ ମ୍ୟୁନିସିପାଲିଟି ଜଳାଶୟ ପୁନରୁଦ୍ଧାର ଏବଂ ଜଳ ସଫେଇ କରିବା ଛାଡି କେବଳ ହିଡ ସୌନ୍ଦର୍ଯ୍ୟକରଣରେ ସୀମିତ ରହିବା ଦେଖିବାକୁ ମିଳିଛି। ଏହି ବନ୍ଧକୁ ପୂର୍ବରୁ ଯୋଜନାବଦ୍ଧ ଭାବେ ବର୍ଷା ପାଣି ପଶିବା ସହ ପୁରୁଣା ପାଣି ନିଷ୍କାସନର ବ୍ୟବସ୍ଥା ରହିଥିଲା। ଜବରଦଖଲ ସମସ୍ୟା ଯୋଗୁ ଏହି ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ପଡିଛି। ଫଳରେ ବନ୍ଧକୁ ବର୍ଷା ପାଣି ଠିକ୍ ଭାବେ ପଶି ନ ପାରିବା ସହ ଏଠାରୁ ପୁରୁଣା ପାଣି ନିଷ୍କାସିତ ହୋଇପାରୁନାହିଁ। ଜିଲାପାଳଙ୍କୁ ଏ ନେଇ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ପ୍ରତିକାର ବ୍ୟବସ୍ଥା କରାଯାଉନାହିଁ। ଏହାସହିତ କରଙ୍ଗାକଟା ଜଳାଶୟ ହିଡରେ ମଦ୍ୟପ ବ୍ୟକ୍ତି ଏବଂ ନିଶାଖୋରଙ୍କ ପ୍ରାଦୁର୍ଭାବ ଯୋଗୁ ମହିଳାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସହର କେନ୍ଦ୍ର ସ୍ଥଳରେ ଥିବା ଏବଂ ଟାଉନ୍ ଥାନା ଠାରୁ ମାତ୍ର ଦେଢ଼ ଶହ ମିଟର ଦୂରରେ ଥିବା କରଙ୍ଗାକଟା ଏବଂ ନୃସିଂହବନ୍ଧ ଜଳାଶୟ ହିଡରେ ନିଶାଖୋର ଓ ମଦୁଆଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ମ୍ୟୁନିସିପାଲିଟି ଏବଂ ଜିଲା ପ୍ରଶାସନ ତୁରନ୍ତ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନ ନେଲେ ଆଗକୁ ଆନ୍ଦୋଳନ କରିବାକୁ ବାଧ ହେବୁ ବୋଲି ବିକ୍ଷୋଭରେ ସାମିଲ ମହିଳାମାନେ ଚେତାବନୀ ଦେଇଛନ୍ତି।

# କାର୍ଯ୍ୟକାରୀ ହେଉନାହିଁ ଅଦ୍ୱିକା କାର୍ଯ୍ୟକ୍ରମ

**ବଲାଙ୍ଗୀର ଅଫିସ, ୨୭।୪**

୧୦ରୁ ୧୯ ବର୍ଷ ବୟସ୍କ କିଶୋରୀମାନଙ୍କ ସଶକ୍ତିକରଣ ଲକ୍ଷ୍ୟ ନେଇ ରାଜ୍ୟ ସରକାର ସ୍ୱତନ୍ତ୍ର ଅଦ୍ୱିକା କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିଛନ୍ତି। ତେବେ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସୁଚାରୁ ରୂପେ କାର୍ଯ୍ୟକାରୀ ହେଉ ନ ଥିବା ଅଭିଯୋଗ କରିଛନ୍ତି ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ଅନ୍ତର୍ଗତ ମରୁଆଁ ଗ୍ରାମ ପଞ୍ଚାୟତ ପାଡ୍ଲେ ଗାଁର କେତେଜଣ କିଶୋରୀ। ଅଦ୍ୱିକା କାର୍ଯ୍ୟକ୍ରମ ଅନୁସାରେ କିଶୋରୀମାନଙ୍କୁ ଛତୁଆ, ଅଣ୍ଡା ଆଦି ଖାଦ୍ୟ ଯୋଗାଇ ଦିଆଯିବା କଥା। ତେବେ ଏହି ଗାଁରେ କିଶୋରୀମାନଙ୍କୁ କୌଣସି ଖାଦ୍ୟ ବା ଅଣ୍ଡା ଯୋଗାଇ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ଗୁରୁବାର କେତେଜଣ କିଶୋରୀ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ଏନେଇ ଅଭିଯୋଗ କରିଥିବା ଜଣାପଡିଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ ପ୍ରତ୍ୟେକ କିଶୋରୀଙ୍କୁ ଅଙ୍ଗନୱାଡି କର୍ମୀଙ୍କ ଜରିଆରେ ଏଦି ଖାଦ୍ୟ ଯୋଗାଇ ଦିଆଯିବା କଥା। ମାତ୍ର ମରୁଆଁ ଗ୍ରାମ ପଞ୍ଚାୟତରେ କିଶୋରୀମାନଙ୍କ ପାଇଁ ଉର୍ଦ୍ଦିଷ୍ଟ ଛତୁଆ, ଅଣ୍ଡା ବଣ୍ଟନ କରାଯାଉ ନ ଥିବା ଅଭିଯୋଗ କରାଯାଇଚି। ଏହାସହିତ ଖୁସି ପ୍ୟାଡ ମଧ କିଶୋରୀମାନଙ୍କୁ ବଣ୍ଟନ କରାଯାଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। କେଉଁ କାରଣରୁ ଏହି ପଞ୍ଚାୟତରେ ଏସବୁ ଦିଆଯାଉନାହିଁ ବୋଲି ପଚାରିଲେ କାହାଠାରୁ ସନ୍ତୋଷଜନକ ଉତ୍ତର ମିଳୁନାହିଁ। ଏଣୁ ବାଧ ହୋଇ ଜିଲା କାର୍ଯ୍ୟାଳୟକୁ ଆସି କିଶୋରୀମାନେ ଅଭିଯୋଗ କରିଥିବା ଜଣାପଡିଛି।



ବଲାଙ୍ଗୀର ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟରେ କିଶୋରୀମାନେ ଅଦ୍ୱିକା କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉ ନ ଥିବା ନେଇ ଅଭିଯୋଗ କରୁଛନ୍ତି।

**ଜିଲା ସମାଜ ମଙ୍ଗଳ ଅଫିସକୁ ଆସି ଅଭିଯୋଗ କଲେ କିଶୋରୀ**

### ସମାଜସେବୀ ଗୋଖରା ମହାନନ୍ଦଙ୍କ ଦେହାନ୍ତ

**ସିନାପାଲି,୨୭।୪(ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ଉପକଣ୍ଠସ୍ଥ କାପସି ଗ୍ରାମର ଜଣାଶୁଣା ସମାଜସେବୀ ଗୋଖରା ମହାନନ୍ଦ (୭୫)ଙ୍କ ପରଲୋକ ହୋଇଯାଇଛି। ଗୁରୁବାର ସକାଳୁ ଜ୍ୱର ଅନୁଭବ କଲାପରେ ତାଙ୍କୁ ସିନାପାଲି ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଅପରାହ୍ଣରେ ଦେହାନ୍ତ ଘଟିଥିବା ଜଣାପଡ଼ିଛି। ସେ ଜଣେ ଉତ୍ସର୍ଗୀକୃତ ମହିମାଧର୍ମୀ ହୋଇଥିବାବେଳେ ସବୁବେଳେ ତାଙ୍କ ହାତରେ ଏକ ବଂଶୀ ଶୋଭାପାଇବା ତାଙ୍କର ଆଉ ଏକ ପରିଚୟ ଥିଲା । ତାଙ୍କ ବିୟୋଗରେ ସିନାପାଲି ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଥିବାବେଳେ ସ୍ଥାନୀୟ ସ୍ୱରସଙ୍ଗମ କଳାପରିଷଦଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଛି। ସଭାରେ ସିନାପାଲି ସାହିତ୍ୟ ଘରର ସଂଯୋଜକ ରବୀନ୍ଦ୍ରନାଥ ଯୋଷୀ, ସ୍ୱର ସଙ୍ଗମ କଳା ପରିଷଦର ସଭାପତି ତ୍ରିନାଥ ମେହେର, ଗଙ୍ଗାଧର ସାରସ୍ୱତ ସମିତିର ସଭାପତି ବୈଷ୍ଣବ ମେହେର ଯୋଗଦେଇଥିଲେ।

## ବଣ୍ଡାକୁଟ୍ରାରେ ଆଇନ ସଚେତନତା ଶିବିର




ବଣ୍ଡାକୁଟ୍ରା କର୍ତ୍ତବ୍ୟରେ ଅନୁଷ୍ଠିତ ଆଇନ ସଚେତନତା ଶିବିର।

**ଜୁନାଗଡ଼,୨୭।୪(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ବଣ୍ଡାକୁଟ୍ରାସ୍ଥିତ କର୍ତ୍ତବ୍ୟ ଅନୁଷ୍ଠାନଠାରେ ଏକ ଆଇନ ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜୁନାଗଡ଼ ତାଲୁକ ଆଇନସେବା ପ୍ରାଧିକରଣ ପକ୍ଷରୁ ଏହାକୁ ଆୟୋଜନ କରାଯାଇଥିଲା। ସ୍ଥାନୀୟ ଆଇନସେବା ଅଧକ୍ଷା ସିଙ୍କୁନ ରାଏଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟ ଅତିଥିଭାବେ ଜୁନାଗଡ଼ ଜେଏମ୍ଏଫସି ନ୍ୟାୟାଧିକାରୀ ପି.ସୀତାଲକ୍ଷ୍ମୀ ଯୋଗଦେଇ ମହିଳାଙ୍କୁ ପ୍ରଦାନ କରାଯାଉଥିବା ଆଇନ ସହାୟତା ଉପରେ କହିଥିଲେ। ସମ୍ମାନିତ ଅତିଥିଭାବେ ଓକିଲ ସଂଘ ସଭାପତି ଅଶୋକ କୁମାର ପାତ୍ର, ସମ୍ପାଦକ ହିମାଂଶୁ ଶେଖର ବରାଡ଼, ଉପସଭାପତି ରମେଶ ଚନ୍ଦ୍ର ନାୟକ, ବରିଷ୍ଠ ଆଇନଜୀବୀ କୈଳାସ ଚୌଧୁରୀ ଯୋଗଦେଇଥିଲେ। କର୍ତ୍ତବ୍ୟ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଶୋକ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ସରକାରୀ ଓକିଲ ଦିଗାମ୍ବର ନାୟକ ମଞ୍ଚ ପରିଚାଳନା କରିଥିଲେ। ଏହି ଶିବିରରେ ଅଞ୍ଚଳର ଅନେକ ମହିଳା ଯୋଗଦେଇଥିଲେ।

## ଜିଲା ଭିନ୍ନକ୍ଷମ ସମିତି ପରିଚାଳନା କମିଟି ବୈଠକ



ଭିନ୍ନକ୍ଷମ ସମିତି ପରିଚାଳନା କମିଟି ବୈଠକରେ ଉପସ୍ଥିତ ଅତିଥି।

**ଭବାନୀପାଟଣା,୨୭।୪( ସ୍ୱ.ପ୍ର.)**

ଭବାନୀପାଟଣାସ୍ଥିତ ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ କନଫରେନ୍ସ ହଲ୍‌ରେ ଗୁରୁବାର ଜିଲା ଭିନ୍ନକ୍ଷମ ସମିତି ପରିଚାଳନା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛ। ସଙ୍ଗଠନ ସଭାପତି ହେମନ୍ତ କୁମାର ତାଣ୍ଡିଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଜିଲା ଭିନ୍ନକ୍ଷମ ଭଉଣୀଭାଇମାନେ କିଭଳି ସରକାରୀ ସୁବିଧା ସୁଯୋଗ ପାଇପାରିବେ ଏବଂ ତୃଣମୂଳ ସ୍ତରରୁ ସଂଗଠନକୁ ଦୃଢ଼ କରିବା ସହ ଭିନ୍ନକ୍ଷମଙ୍କ ବିଭିନ୍ନ ସମସ୍ୟାର ସମାଧାନ କିପରି ହୋଇପାରିବ ସେ ନେଇ ଆଲୋଚନା ହୋଇଥିଲା। ସେହିପରି ଆବଶ୍ୟକସ୍ଥଳେ ଜିଲା ପ୍ରଶାସନ ମାଧ୍ୟମରେ ସରକାରଙ୍କ ପାଖରେ ଦାବି ରଖି ସମସ୍ୟାଗୁଡିକର ସମାଧାନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ସଙ୍ଗଠନ ଉପଦେଷ୍ଟା ହରିଶ୍ଚନ୍ଦ୍ର ନାୟକ, ସାଧାରଣ ସମ୍ପାଦକ ଡୋଳାମଣି ପ୍ରଧାନ, କୋଷାଧକ୍ଷ ଘନଶ୍ୟାମ ମହାନନ୍ଦ, ଯୁଗ୍ମ ସମ୍ପାଦକ ଚଣ୍ଡୀ ଦାସ ସାହୁ, ସହକାରୀ କୋଷାଧକ୍ଷ ନିରଞ୍ଜନ ଛତ୍ରିଆ, ସଦସ୍ୟ ଗୋବିନ୍ଦ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ ।

## ପେନ୍‌ସନ ଗ୍ରାହୀ ସଂଘ ପକ୍ଷରୁ ବିଡିଓଙ୍କ ଜରିଆରେ ଦାବିପତ୍ର



ପେନ୍‌ସନ ଗ୍ରାହୀ ସଂଘ ପକ୍ଷରୁ ବିଡିଓଙ୍କୁ ଦାବି ପତ୍ର ପ୍ରଦାନ କରାଯାଉଛି।

**କୋକସରା,୨୭।୪(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ପେନ୍‌ସନ ଗ୍ରାହୀ ସଂଘ ପକ୍ଷରୁ ବୁଧବାର ୫ ଦଫା ଦାବି ସମ୍ବଳିତ ପତ୍ର ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ପ୍ରଦାନ କରାଯାଇଛି। ସଂଘର ପ୍ରମୁଖ ଦାବି ମଧରେ, ମାସିକ ଚିକିତ୍ସା ଭତ୍ତା ପ୍ରଦାନ, ସପ୍ତମ ବେତନ କମିଶନ ସୁପାରିସ ଭିତ୍ତିରେ ଅନୁରୂପ ମାଟ୍ରିକ୍ସ ଆଧାରରେ ପେନସନ ନିର୍ଦ୍ଧାରଣ, ଅସଙ୍ଗତି ଦୂର କରାଯାଉ, ପେନ୍‌ସନଧାରୀଙ୍କୁ ସର୍ବନିମ୍ନ ୯ ହଜାର ଟଙ୍କା ପ୍ରଦାନ, ଅତିରିକ୍ତ ପେନ୍‌ସନ ଅନ୍ୟ ରାଜ୍ୟ ଭଳି ୬୫ ବର୍ଷରୁ ଲାଗୁ କରିବା ଏବଂ ମୋ ବସ୍ ଭଳି ଅନ୍ୟ ବସରେ ୫୦ ପ୍ରତିଶତ ରିହାତି ପ୍ରଦାନ ଆଦି ରହିଛି। ଦାବିପତ୍ର ପ୍ରଦାନ ସମୟରେ ସଂଘ ସଭାପତି ତ୍ରିନାଥ ଠାକୁର, ମିନକେତନ ପ୍ରଧାନୀ, ଜୟଲାଲ ନାୟକ, କେଶବ ଚନ୍ଦ୍ର ନାୟକ, ଅଶୋକ କୁମାର ମାଝୀ, ବୁଟୁନାଥ ସରାବୁ, କୀର୍ତ୍ତନ ଶବର, ଗୁଣନିଧି ବାଗ, ଜୟରାମ ଚଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

# ସୁରକ୍ଷା ଦେବା ପାଇଁ ଏସ୍‌ଡିପିଓଙ୍କୁ ଦାବିପତ୍ର

**ନାମଯଜ୍ଞ ସମୟରେ ଭ୍ରଷ୍ଟ କରିଦେବା ପାଇଁ ଧମକ**

**ନୂଆପଡା ଅଫିସ,୨୭।୪**

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ଗଣ୍ଡାମେର ପଞ୍ଚାୟତ କଣ୍ଠାପାଲି ଗାଁରେ ଆୟୋଜିତ ହେବାକୁ ଥିବା ନାମଯଜ୍ଞକୁ ଗାଁର ଜଣେ ବ୍ୟକ୍ତି ବିରୋଧ କରୁଛନ୍ତି। ଯଜ୍ଞ କଲେ ଗାଈ ହାଡ ଓ ଚପଲ ମାଳ ଓହ୍ଲାଇ ଭ୍ରଷ୍ଟ କରିଦେବେ ବୋଲି ଗ୍ରାମବାସୀଙ୍କୁ ବାରମ୍ବାର ଧମକ ଦେଇ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଯଜ୍ଞ କରି ନ ଦେବା ପାଇଁ ଖୋଲା ଚ୍ୟାଲେଞ୍ଜ କରୁଛନ୍ତି। ଯଦି ଗାଁରେ ନାମଯଜ୍ଞ କରିବ ଦେଖିବ ପରିଣାମ କଣ ହେବ ବୋଲି ଧମକ ଦେଉଥିବାରୁ ଗ୍ରାମବାସୀ ବୁଧବାର କୋମନା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା ଦାୟିତ୍ୱରେ ଥିବା କର୍ମଚାରୀ ଅଭିଯୋଗକାରୀଙ୍କୁ ଧମକ ଦେଇ ସମସ୍ତଙ୍କ ଆଧାର କାର୍ଡ ଆଣି ଆସିବ। ତା'ପରେ ତମ କଥା ବୁଝିବି ବୋଲି କହିବାରୁ ଗ୍ରାମବାସୀ ନିରାଶ ହୋଇ ଫେରି ଆସିଥିଲେ। ଗୁରୁବାର ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀଙ୍କ ସହ କଣ୍ଠାପାଲି ଗ୍ରାମବାସୀ ନୂଆପଡ଼ା ଏସଡିପିଓ ପ୍ରଶାନ୍ତ କୁମାର ପଟ୍ଟନାୟକଙ୍କୁ ସାକ୍ଷାତ କରି ନାମଯଜ୍ଞ ଚାଲିବା ପର୍ଯ୍ୟନ୍ତ ସୁରକ୍ଷା ଦେବା ସହ ଗାଁ ବିରୋଧରେ ଯାଉଥିବା ବ୍ୟକ୍ତି ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ଗାଁରେ ଗତ ବର୍ଷ ଷୋହଳ ପ୍ରହର ନାମଯଜ୍ଞ ହେବାକୁ ଦିନ ଓ ତାରିଖ ଧାର୍ଯ୍ୟ ହୋଇଥିଲା। ନାମଯଜ୍ଞ ହେବା ପୂର୍ବରୁ ଏହି ବ୍ୟକ୍ତି ଗାଁ ଲୋକଙ୍କୁ ଗାଳିଗୁଲଜ କରି ମାଡପିଟ କରିବାରୁ ଯଜ୍ଞ ବନ୍ଦ ହୋଇଯାଇଥିଲା। ଚଳିତବର୍ଷ ମଧ୍ୟ ଯଜ୍ଞ କଥା ଗାଁରେ ହେବା ଦିନ ଠାରୁ ବ୍ୟକ୍ତି ଜଣକ ପ୍ରତି ଦିନ ଗାଳିଝଗଡା କରୁଛନ୍ତି। ଗ୍ରାମବାସୀଙ୍କୁ ଯଜ୍ଞ କରାଇ ଦେମି ନାହିଁ ବୋଲି ଖୋଲା ଚାଲେଞ୍ଜ କରୁଛନ୍ତି। ମେ ୨୪ ରୁ ୨୭ ପର୍ଯ୍ୟନ୍ତ ଗାଁରେ ଷୋହଳ ପ୍ରହର ନାମଯଜ୍ଞ ହେବା ପାଇଁ ଦିନ ଧାର୍ଯ୍ୟ ହୋଇଛି। ଯଜ୍ଞ ଚାଲିବା ପର୍ଯ୍ୟନ୍ତ ପୋଲିସ ଫୋର୍ସ ଦେଇ ଶାନ୍ତିଶୃଙ୍ଖଳାର ସହ ଯଜ୍ଞ ସମାପନ କରିବା ପାଇଁ ଏସ୍‌ଡିପିଓ ପଟ୍ଟନାୟକଙ୍କୁ ଗ୍ରାମବାସୀ ଅନୁରୋଧ କରିଛନ୍ତି। ଏସ୍‌ଡିପିଓ ପଟ୍ଟନାୟକ ଯଜ୍ଞ ସମୟରେ ପୋଲିସ ଫୋର୍ସ ମୁତୟନ କରି ଯିଏ ଅପ୍ରିତିକର ପରିସ୍ଥିତି ସୃଷ୍ଟି କରିବ ତାହା ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

## ଧଣ୍ଡାମୁଣ୍ଡାରେ ସାମୂହିକ ବ୍ରତୋପନୟନ



ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ।

**ଖପ୍ରାଖୋଲ,୨୭।୪(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଗାଁରେ ବ୍ରାହ୍ମଣ ପିଲାମାନଙ୍କର ସାମୁହିକ ବ୍ରତୋପନୟନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ପଣ୍ଡିତ ଜୟନ୍ତ ମିଶ୍ରଙ୍କ ସ୍ମୃତିରେ ପଣ୍ଡିତ କମଳାପତି ମିଶ୍ର ଓ ସ୍ତ୍ରୀ ପ୍ରିୟତମା ମିଶ୍ରଙ୍କ ନେତୃତ୍ୱରେ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ ରାମଲୀଳା ମଣ୍ଡପଠାରେ ସାମୁହିକ ବ୍ରତୋପନୟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ୪ ଜଣ ବ୍ରାହ୍ମଣ ପିଲାଙ୍କ ବ୍ରତୋପନୟନ ଧୁମଧାମରେ ଅନୁଷ୍ଠିତ ହୋଇଥିଲା । ପବିତ୍ର ବେଦମନ୍ତ୍ରରେ ମନ୍ଦିର ପରିସର ଉତ୍ସବମୁଖର ହୋଇ ଉଠିଥିଲା। ସାମୁହିକ ବ୍ରତୋପନୟନ କାର୍ଯ୍ୟକ୍ରମ ରେ ପଣ୍ଡିତ ବୈଦ୍ୟନାଥ ମିଶ୍ର ପୌରୋହିତ୍ୟ କରିଥିଲେ । ଅନ୍ୟମାନଙ୍କ ମଧରେ ପଦ୍ମନାଭ ଦାଶ, କ୍ଷୀରୋଦ ପାଣିଗ୍ରାହୀ, ରାଧେଶ୍ୟାମ ତ୍ରିପାଠୀ ପ୍ରମୁଖ ପୂଜା କର୍ମରେ ସହଯୋଗ କରିଥିଲେ ।

# ଜୀବନ ଜୀବିକା ଉପରେ ପ୍ରଭାବ

**ନୂଆପଡ଼ା ଅଫିସ୍,୨୭।୪**

**ନୂଆପଡ଼ା ଜିଲାରେ ବାଘ ଆତଙ୍କ**

**■ପୁଣି ବାଛୁରୀକୁ ଖାଇଲା ବାଘ**

ନୂଆପଡ଼ା ଜିଲାରେ ଦୁଇ ମାସ ହୋଇଗଲା ବାଘ ଆତଙ୍କ ଥମିବାର ନାଁ ନେଉନାହିଁ। ଗୋଟିଏ ପରେ ଗୋଟିଏ ଗୃହପାଳିତ ପ୍ରାଣୀକୁ ଶିକାର କରି ଚାଲିଛି କଲରାପତରିଆ ବାଘ। ସଦର ରେଞ୍ଜ ଆମାନାରା ସେକ୍ସନ ତରିଆ ମହୁଆଭଟା ଗାଁରେ ପୁଣି ଏକ ବାଛୁରୀକୁ ବାଘ ମାରି ଖାଇଛି। ବୁଧବାର ଗୋରୁ ଜଙ୍ଗଲରୁ ଚରିବୁଲି ଆସିବା ପରେ ସନ୍ଧ୍ୟାରେ ଗୁହାଳରେ ମାଲିକମାନେ ସୁରକ୍ଷିତ ଭାବରେ ବାନ୍ଧି ରଖିଥିଲେ। ଗୁରୁବାର ସକାଳେ ଉଠି ଦେଖିବା ବେଳକୁ ଗାଁର ଭାଗିରଥି ରାଉତଙ୍କ ଗୁହାଳରେ ଏକ ବାଛୁରୀ ମରି ପଡିଛି। ମୃତ ବାଛୁରୀର ଶରୀର ଯେଉଁ ପ୍ରକାର କ୍ଷତ ବିକ୍ଷତ ହୋଇଛି, ତାହା ସ୍ପଷ୍ଟ ଜଣାପଡୁଛି କି ବାଘ ମାରି ଖାଇଛି। ଏହି ବାଛୁରୀକୁ ବାଘ ଗତ ୧୫ ତାରିଖରେ ଆକ୍ରମଣ କରିଥିଲା। ଗ୍ରାମବାସୀ ଆକ୍ରମଣ ସମୟରେ ହୋହାଲା କରିବାରୁ ବାଘ ବାଛୁରୀକୁ ଛାଡି ଜଙ୍ଗଲ ଭିତରକୁ ଚାଲିଯାଇଥିଲା। ଗ୍ରାମବାସୀ ଗୁରୁତର ଭାବେ ଉଦ୍ଧାର କରି ଉପଯୁକ୍ତ ଚିକିତ୍ସା କରିବାରୁ ବାଛୁରୀ ସୁସ୍ଥ ରହିଥିଲା। ସେହି ବାଛୁରୀକୁ ବାଘ ପୁଣି ଆକ୍ରମଣ କରି ମାରି ଖାଇଦେଲା। ନୂଆପଡ଼ା ଜିଲାରେ ମାର୍ଚ୍ଚ ୧ ରୁ ବାଘ ଆତଙ୍କ ଆରମ୍ଭ ହୋଇ ଦୁଇ ମାସ ହୋଇଯିବ ଆତଙ୍କ ଥମିବାର ନାଁ ନେଉନାହିଁ। ବର୍ତ୍ତମାନ ସୁଦ୍ଧା ଦୁଇ ମାସ ମଧ୍ୟରେ ଜଣେ ମଣିଷ ସହ ୨୧ ଟି ଗୃହପାଳିତ ପ୍ରାଣୀ ଶିକାର ହୋଇ ସାରିଲେଣି। ହେଲେ ବନ ବିଭାଗ ବାଘକୁ ଘଉଡାଇବାକୁ ଉଦ୍ୟମ କରୁ ନାହାନ୍ତି କିମ୍ବା ଗୃହପାଳିତ ପ୍ରାଣୀ ହେଉ ବା ମଣିଷକୁ ସୁରକ୍ଷା ଦେବାର ବ୍ୟବସ୍ଥା କରୁନାହାନ୍ତି। ଏହିପରି ଚାଲିଥିଲେ କେତେ ଯେ ଜୀବନ ଚାଲିଯିବ ଆକଳନ କରିହେବ ନାହିଁ। ପାହାଡ ତଳି ଗାଁମାନଙ୍କର ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାରରେ। ସ୍କୁଲ ଯାଇପାରୁ ନାହାନ୍ତି କି କାମ କରିପାରୁ ନାହାନ୍ତି। ଜୀବନ ଜୀବିକା ଉପରେ ପ୍ରଭାବ ପଡୁଥିଲେ ମଧ୍ୟ ବନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ବର୍ତ୍ତମାନ ଚାଷ କାର୍ଯ୍ୟ ସମୟ ଆସି ଯାଉଛି। ବାଘ ଆତଙ୍କରେ ଜମି ସବୁ ପଡିଆ ପଡିବ। ଶେଷରେ ଲୋକେ ଅଭାବୀ କାରଣରୁ କାମ ଅନ୍ୱେଷଣରେ ଦାଦନ ଶ୍ରମିକ ହୋଇ ବାହାରକୁ ଚାଲିଯାଇ ବାଘ ଆତଙ୍କରୁ ମଧ୍ୟ ଅଧିକ ଯନ୍ତ୍ରଣା ପାଇ ଘରକୁ ଫେରିବେ। ଏଥିପାଇଁ ଦାୟୀ କିଏ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ରବି ଚାଷ ବା ଖରା ଦିନିଆ ଚାଷ ଯାହା କରିଥିଲେ, ବାଘ ଆତଙ୍କରେ ଚାଷୀ ଛାଡିଦେଲେ। ବାଘ ଆତଙ୍କ କାରଣରୁ ଅନେକ ଚାଷୀଙ୍କୁ କ୍ଷତି ସହିବାକୁ ପଡିଛି । ଖରା ଦିନ ବର୍ଷାରେ ଚାଷୀ ଜମିରେ ହଳ କରି ଚାଷ ଜମିକୁ ଉର୍ବର କରି ରଖିଥାଏ। ଠିକ ଚାଷ ସମୟ ଆସିଲେ ତଳି ପକା ଆରମ୍ଭ କରିଥାଏ। ଚଳିତବର୍ଷ ତାହା ହୋଇପାରୁ ନାହିଁ। ଚିନ୍ତାରେ ଚାଷୀ ଘାରି ହେଉଛନ୍ତି। ଗରିବ ଶ୍ରେଣୀର ଲୋକମାନଙ୍କୁ ଚଳିବା ମୁସକିଲ ହୋଇପଡିଗଲାଣି। ଯେଉଁମାନେ ଦିନ ମଜୁରିଆ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ସେମାନେ ବର୍ତ୍ତମାନ ବାହାର ରାଜ୍ୟକୁ ଯିବା ପାଇଁ ସଜବାଜ ହେଉଥିବା ମଧ୍ୟ ଅଭିଯୋଗ ହେଉଛି। କେବଳ ବନ ବିଭାଗ ଗାଁଗାଁ ବୁଲି ଡାକବାଜି ଯନ୍ତ୍ର ସାହାର୍ଯ୍ୟରେ ଲୋକଙ୍କୁ ସଚେତନ କରାଇ ବାଘର ଗତିବିଧି ଉପରେ ନଜର ରଖାଯାଇଛି ବୋଲି କହୁଛି। ଲୋକଙ୍କ ଜୀବନଜୀବିକାରେ ସୁଧାର ଆସୁନାହିଁ। ଏଥି ପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ବୃଦ୍ଧଙ୍କ ଅସ୍ୱାଭାବିକ ମୃତ୍ୟୁ

**ବାଉଁଶୁଣୀ,୨୭।୪(ଡି.ଏନ.ଏ.):** ବୌଦ୍ଧ ବ୍ଲକ୍ ତାଲସରଡା ଗ୍ରାମ ପଞ୍ଚାୟତ ମାନେଶ୍ୱର ଗ୍ରାମର ନାରାୟଣ କହଁର (୬୦)ଙ୍କ ଗୁରୁବାର ଅସ୍ୱାଭାବିକ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ ନାରାୟଣ ସକାଳେ ମହୁଲ ଫୁଲ ଗୋଟାଇବା ପାଇଁ ଯାଇ ଅପରାହ୍ନରେ ଘରକୁ ଫେରିଥିଲେ। ଘରେ ପହଞ୍ଚିବା ପରେ ହଠାତ୍ ସେ ଟଳି ପଡିଥିଲେ। ପରିବାର ଲୋକେ ତାଙ୍କୁ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ଜିଲା ମୁଖ୍ୟ ଡାକ୍ତରଖାନା ପଠାଇଛି।

### ଗଞ୍ଜେଇ ମାମଲା: ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ବୌଦ୍ଧ,୨୭।୪(ସ୍ୱ.ପ୍ର.):** ବୌଦ୍ଧ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ବିକ୍ରମ କୁମାର ପ୍ରଧାନ ଗୁରୁବାର ଏକ ଚୋରା ଗଞ୍ଜେଇ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷର ଖଲାସ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ, ଗତ ୧୮।୧୦।୨୦୧୯ ରିଖରେ ବୌଦ୍ଧ ଅବକାରୀ କର୍ମଚାରୀ ମନମୁଣ୍ଡା ଥାନା ଶଗଡା ଫାଣ୍ଡି ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ତିଲପଙ୍ଗା (ରଣାସାହିର) ଦଣ୍ଡୁଆ ରଣା ଚାଲାଣ ପାଇଁ ନିଜ ଘରେ ଗଞ୍ଜେଇ ରଖିଥିବା ଖବର ପାଇ ଅବକାରୀ କର୍ମଚାରୀ ତାଙ୍କ ଘରେ ଚଢାଉ କରିଥିଲେ। ସେମାନେ ଦୁଇଗୋଟି ବସ୍ତାରେ ଥିବା ୩୧ କେଜି ଗଞ୍ଜେଇ ଜବତ କରିବା ସହ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦଣ୍ଡୁଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ମାମଲା ଜିଲା ଦୌରାଜଜ୍ଙ୍କ ଅଦାଲତରେ ବିଚାର ହୋଇଥିଲା। ମାମଲାରେ ସରକାରଙ୍କ ପକ୍ଷରୁ ୬ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଅଦାଲତ ପ୍ରମାଣ ଅଭାବରୁ ଅଭିଯୁକ୍ତ ଦଣ୍ଡୁଆଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ରାଜୀବ କୁମାର ଦଲାଲ ମାମଲା ପରିଚାଳନା କରୁଥିଲେ।

### ୱାର୍ଡ ସଭ୍ୟଙ୍କ ଅକାଳ ବିୟୋଗ

**ବାଉଁଶୁଣୀ, ୨୭।୪(ଡି.ଏନ.ଏ.):** ବୌଦ୍ଧ ବ୍ଲକ ବାଉଁଶୁଣୀ ଗ୍ରାମ ପଞ୍ଚାୟତ ଜମଘାଟି ୧୦ନଂ. ୱାର୍ଡ଼ର ୱାର୍ଡ଼ମେମ୍ବର ଶଶୀ ଭୁଷଣ ମହାକୁଡଙ୍କ ବୁଧବାର ରାତିରେ ଅକାଳ ବିୟୋଗ ଘଟିଛି। ତାଙ୍କୁ ୩୮ ବର୍ଷ ହୋଇଥିଲା। ସୂଚନା ଅନୁଯାୟୀ କୌଣସି କାରଣରୁ ଦେହ ଅସୁସ୍ଥ ହେବାରୁ ପରିବାର ବର୍ଗ ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଗୁରୁବାର ମୃତଦେହ ଜମଘାଟି ବାସଭବନରେ ପହଞ୍ଚିବା ପରେ ବାଉଁଶୁଣି ସରପଞ୍ଚ ଅଇଁଠୁ ମହାଲିକ, ଆତ୍ମୀୟ ସ୍ୱଜନ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ବିପୁଳ ପରିମାଣ ଗଞ୍ଜେଇ ଜବତ

**ବୌଦ୍ଧ/କନ୍ଧମାଳ,୨୭।୪(ସ୍ୱ.ପ୍ର./ଡି.ଏନ.ଏ.):** ବୌଦ୍ଧ ଜିଲାର ବିଭିନ୍ନ ସ୍ଥାନରେ ପୁରୁଣାକଟକ ଓ କନ୍ଧମାଳ ପୋଲିସ ଚଢାଉ କରି ବିପୁଳ ପରିମାଣ ଗଞ୍ଜେଇ ଜବତ କରିଛି। ପୁରୁଣାକଟକ ପୋଲିସ ବୌଦ୍ଧ ଜିଲା ସୀମାନ୍ତ ଚାରିଛକ -ଫୁଲବାଣୀ ଜାତୀୟ ରାଜପଥର ଘୋଡାଡିଆଁ ନାଳ ଜଙ୍ଗଲ ମଧ୍ୟରେ ଚଢାଉ କରି ୩ ଗୋଟି ବସ୍ତାରେ ଥିବା ୬୬ କେଜି ଗଞ୍ଜେଇ ଜବତ କରିଛି। ହେଲେ ଏହି ଘଟଣାରେ ପୋଲିସ କାହାରିକୁ ଗିରଫ କରିପାରି ନାହିଁ। ଏ ନେଇ ପୁରୁଣାକଟକ ଥାନା କେସ୍‌ନଂ ୬୩/୨୩ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଜ୍ୟୋତ୍ସ୍ନା କାଉଁରୀ ସୂଚନା ଦେଇଛନ୍ତି। ସେହିପରି କନ୍ଧମାଳ ପୋଲିସ ଲମ୍ବସରି ପଞ୍ଚାୟତର ବଲମତୁମା ଓ ଗୁଡୁରୁମା ଜଙ୍ଗଲର ମାଲାକିରା ଗାଁ ନିକଟରେ ଚଢାଉ କରିଥିଲା। ସେଠାରେ ଗଞ୍ଜେଇ ଚାଲାଣ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ପୋଲିସକୁ ଦେଖି ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ପୋଲିସ ସେଠାରୁ ବିପୁଳ ପରିମାଣ ଗଞ୍ଜେଇ ଜବତ କରିଥିବା ଜଣାପଡିଛି। ଓଜନ କରିବା ପରେ ଗଞ୍ଜେଇ ପରିମାଣ ଜଣାପଡିବ ବୋଲି ଥାନା ଅଧିକାରୀ ନଳିନିକାନ୍ତ ଦାସ ସୂଚନା ଦେଇଛନ୍ତି।

# ମହାନଦୀ ପ୍ରଦୂଷଣ ରୋକିବା, ପ୍ରବାହକୁ ବଞ୍ଚାଇବାକୁ ଆହ୍ୱାନ

**ସୋନପୁର,୨୭।୪(ନି.ପ୍ର.)**



ଆଲୋଚନାଚକ୍ରରେ ସୁଦର୍ଶନ ଛୋଟରାୟ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

ମହାନଦୀ ଓଡିଶାର ଜୀବନରେଖା। ଏହି ନଦୀ ଅବବାହିକାରେ ପୁରାତନ ସଭ୍ୟତା ଗଢି ଉଠିଛି। ତେବେ ଶିଳ୍ପାନୁଷ୍ଠାନ, କୋଇଲା ଖଣି ଓ ସହରର ବର୍ଜ୍ୟବସ୍ତୁ ସିଧାସଳଖ ମହାନଦୀ ଗର୍ଭରେ ଛଡାଯିବା କାରଣରୁ ଜଳ ପ୍ରଦୂଷିତ ହୋଇଛି। ନଦୀ ଉପରମୁଣ୍ଡରେ ବନ୍ଧ ବାନ୍ଧି ପ୍ରାକୃତିକ ପ୍ରବାହକୁ ରୋକାଯାଉଛି। ନଦୀ ଧୀରେ ଧୀରେ ମରିଯିବାକୁ ବସିଛି। ତେଣୁ ନଦୀ ପ୍ରଦୂଷଣକୁ ରୋକିବା ସହ ଜଳ ପ୍ରବାହକୁ ବଞ୍ଚାଇବାକୁ ସାମାଜିକ କର୍ମୀ ତଥା ମହାନଦୀ ବଞ୍ଚାଅ ଅଭିଯାନର ଆବାହକ ସୁଦର୍ଶନ ଛୋଟରାୟ ଆହ୍ୱାନ କରିଛନ୍ତି।

ସାହିତ୍ୟ, ସଂସ୍କୃତିର ଅଗ୍ରଣୀ ଅନୁଷ୍ଠାନ ମହାନଦୀ ସାହିତ୍ୟ ସଂସଦ ପକ୍ଷରୁ ସୋନପୁର ମହାନଦୀ ବିହାରସ୍ଥିତ ଗୋପାଳଜୀ ଯୋଗାଳୟ ସମ୍ମିଳନୀ କକ୍ଷରେ ବୁଧବାର ସନ୍ଧ୍ୟାରେ ମାତୃରୂପା ମହାନଦୀ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଛୋଟରାୟ ଯୋଗଦେଇ ନଦୀକୁ ନେଇ ରାଜ୍ୟର ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ମହାନଦୀର ଜୈବ ବିବିଧତା ସହ ନଦୀର ସୁରକ୍ଷା ସମ୍ପର୍କରେ ବିଶଦ ଆଲୋଚନା ହୋଇଥିଲା। ନଦୀ କୂଳରେ ବ୍ୟାପକ ବୃକ୍ଷରୋପଣ ସହ ମୃତ୍ତିକା କ୍ଷୟ ରୋକିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। କବି ଆର୍ତ୍ତତ୍ରାଣ ବାବୁ ଆଲୋଚନାଚକ୍ରରେ ସଭାପତିତ୍ୱ କରିଥିଲେ। ମହାନଦୀ ସାହିତ୍ୟ ସଂସଦର ସଭାପତି ଶ୍ୟାମାଓଁ ପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଡ. ସନ୍ତୋଷ କୁମାର ପାଢୀ, ଜ୍ୟୋତି ରଞ୍ଜନ ପଟ୍ଟନାୟକ, ବେଣୁଧର ପ୍ରଧାନ, ପୁରୁଷୋତ୍ତମ ମିଶ୍ର, ହରିହର ଶତପଥୀ, ଲୋକେଶ ପ୍ରଧାନ, ମୃତ୍ୟୁଞ୍ଜୟ ଦାସ ଓ ଅମ୍ବୁଜ ବିହାରୀ ଶତପଥୀଙ୍କ ସମେତ ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ଓ ବୁଦ୍ଧିଜୀବୀ ଅଂଶଗ୍ରହଣ କରି ମତ ବିନିମୟ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

**ମାତୃରୂପା ମହାନଦୀ ଶୀର୍ଷକ ଆଲୋଚନାଚକ୍ର**

# ବୌଦ୍ଧରୁ ତୃତୀୟଥର ରଥକାଠ ପୁରୀ ଗଲା



ପୂଜାର୍ଚ୍ଚନା ପରେ ପୁରୀକୁ ରଥକାଠ ପଠାଯାଉଛି।

**ବୌଦ୍ଧ,୨୭।୪(ସ୍ୱ.ପ୍ର.)**

ଶ୍ରୀଜଗନ୍ନାଥଙ୍କ ରଥ ନିର୍ମାଣ ପାଇଁ ଗୁରୁବାର ତୃତୀୟଥର ପାଇଁ ବୌଦ୍ଧ ଜିଲାରୁ ରଥକାଠ ପୁରୀ ଅଭିମୁଖେ ପଠାଯାଇଛି। ମାଧପୁର ରେଞ୍ଜର ବାଇଶିପଡାସ୍ଥିତ ସରାଡିଖୋଲ ଓ ତିଳିଚାପଦର ଜଙ୍ଗଲରୁ ୧୭୭ ଖଣ୍ଡ ଅସନ କାଠ ପଠାଯାଇଛି। ଜିଲାରୁ ଗତ ୭ ତାରିଖରେ ଚଳିତ ବର୍ଷର ପ୍ରଥମ କାଠ ଯାଇଥିବା ବେଳେ କନ୍ଧମାଳ ରେଞ୍ଜରୁ ଦ୍ୱିତୀୟ କିସ୍ତିରେ ରଥ କାଠ ଯାଇଥିଲା। ରଥକାଠ ଯିବା ସମୟରେ ଶ୍ରଦ୍ଧାଳୁମାନେ ଘର ସମ୍ମୁଖରେ କଳସ ବସାଇ ପୂଜାର୍ଚ୍ଚନା କରିଥିଲେ। ହରିବୋଲ ଓ ହୁଳହୁଳି ସହ ଘଣ୍ଟବାଦ୍ୟରେ ପରିବେଶ କମ୍ପି ଉଠିଥିଲା। ରଥ କାଠ ପୂଜାର୍ଚ୍ଚନା ସମୟରେ ଚାରିଛକ ବଜାରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଜୁନିୟର ରେଡକ୍ରସ ପକ୍ଷରୁ ଥଣ୍ଡା ପାନୀୟ ଜଳ ବଣ୍ଟନ କାର୍ଯ୍ୟକ୍ରମ

**ଡୁଙ୍ଗୁରିପାଲି,୨୭।୪(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ଗୋପାଳଜୀ ସରକାରୀ ଉଚ୍ଚ ବିଦ୍ୟାଳୟ ତମାମୁରା ଜୁନିୟର ରେଡକ୍ରସ ୟୁନିଟ ତରଫରୁ ଡୁଙ୍ଗୁରିପାଲି ଆରଏମସି ସାପ୍ତାହିକ ବଜାର ଛକ ଠାରେ ଥଣ୍ଡା ପାନୀୟ ଜଳ, ଦହି ସରବତ, ଜଳଜିରା ପାଣି, ବେଲପଣା ବଣ୍ଟନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜନସାଧାରଣଙ୍କୁ ଖରାରୁ ସୁରକ୍ଷା ଦେବା ପାଇଁ ଏହି ଜଳଛତ୍ର କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଡୁଙ୍ଗୁରିପାଲି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବଟକୃଷ୍ଣ ପାଢ଼ୀ ଅଧକ୍ଷତା କରିଥିଲେ। ଡୁଙ୍ଗୁରିପାଲି ଥାନା ଅଧିକାରୀ ସତ୍ୟନାରାୟଣ ପଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଜୁନିୟର ରେଡକ୍ରସର ସେବା ମନୋବୃତ୍ତି ସମୟ ଉପଯୋଗୀ ଏବଂ ଜନସାଧାରଣ ପ୍ରଚଣ୍ଡ ଖରାରୁ ନିଜକୁ ସୁରକ୍ଷିତ ରଖିବା ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଡୁଙ୍ଗୁରିପାଲି ଗ୍ରାମ ପଞ୍ଚାୟତ ସରପଞ୍ଚ ଚିତ୍ତରଞ୍ଜନ ମିଶ୍ର, ରେଡକ୍ରସ ସାଧନା କର୍ମୀ ସୁରେଶ ପଧାନ, ସମାଜସେବୀ ବିପ୍ରଚରଣ ସାହୁ, ଜଗନାଥ ଦ୍ୱିବେଦୀ, ବାମଦେବ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲା ଜୁନିୟର ରେଡକ୍ରସର ରବୀନ୍ଦ୍ର ପଶାୟତ ପରିଚାଳନା କରିଥିବା ବେଳେ ବିସିସି ନିମାଇ ଚରଣ ମଲ୍ଲିକ ସଂଯୋଜନା କରିଥିଲେ। ଗୋପାଳଜୀ ଉଚ୍ଚ ବିଦ୍ୟାଳୟର ଜୁନିୟର ରେଡକ୍ରସ ପରାମର୍ଶଦାତା ଧ୍ରୁବଚରଣ ବାରିକ ଜଳଛତ୍ର ଆୟୋଜନ କରାଯିବାର ଉଦେଶ୍ୟ ଜ୍ଞାପନ କରିଥିଲେ। ଗ୍ରୀଷ୍ମ ପ୍ରବାହ ସମୟରେ ସନଷ୍ଟ୍ରୋକରୁ ସୁରକ୍ଷିତ ରହିବାର ଉପାୟ ଓ ଏହାର ପ୍ରାଥମିକ ଚିକିତ୍ସା କୌଶଳ ବିଷୟରେ ସାଧନା କର୍ମୀ ଏବଂ ପରାମର୍ଶଦାତାମାନେ ଡେମୋ ମାଧ୍ୟମରେ ବଜାର କୁ ଆସିଥିବା ଜନସାଧାରଣଙ୍କୁ ତାଲିମ ଦେଇଥିଲେ। ବରିଷ୍ଠ ସାଧନା କର୍ମୀ ହୃଷିକେଶ ଡାଙ୍ଗ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଚତୁର୍ଭୁଜ ସାହୁ, ସିଆରସିସି ନରେଶ ପୁରୋହିତ, ଖଲିଆପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ପରାମର୍ଶଦାତା ଦୁର୍ଯ୍ୟୋଧନ ପଶାୟତ, ଦୌଲତ ସା, ଅମ୍ଲାନ ପାଣ୍ଡିଆ, କୁମୁଦ କୁମାର ମଟାରୀ, ଦେବକି ବାଘ,ଶୋଭାଚନ୍ଦ୍ର ବାରିକ, ରିଙ୍କୁ ଦରଜୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ସାଧନା କର୍ମୀ ତପସ୍ୱିନୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଟ୍ରକ ଧକ୍କାରେ ସୁବଳୟା ଶିବମନ୍ଦିରର ପୂଜକ ମୃତ

**ଅମରପାଲି,୨୭।୪(ଡି.ଏନ.ଏ)**

ଗୁରୁବାର ସନ୍ଧ୍ୟାରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ଚେକ ଗେଟ ନିକଟରେ ରାସ୍ତା କଡରେ ଠିଆ ହୋଇଥିବା ଜଣେ ଯୁବକଙ୍କ ଟ୍ରକ ଧକ୍କାରେ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ସୁବଳୟା ଥାନା ଅନ୍ତର୍ଗତ ସୁବଳୟା ଗ୍ରାମର ନାରାୟଣ ଖମାରୀଙ୍କ ପୁଅ ମଙ୍ଗୁଲୁ ଖମାରୀ (୪୪)। ମଙ୍ଗୁଲୁ ସୁବଳୟା ଶିବମନ୍ଦିରର ପୂଜକ ଥିଲେ। ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରିଥିବା ବେଳେ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ପ୍ରକାଶ ଯେ, ମଙ୍ଗୁଲୁ କୌଣସି କାମରେ କମିରା ଛକ ଅଞ୍ଚଳକୁ ଯାଇ ଘରକୁ ଫେରୁ ଥିଲେ। ସେ ସୁରବାଲି ଯୋର ପୋଲ ନିକଟରେ ଥିବା ସୁବଳୟା ଚେକ ଗେଟ ନିକଟସ୍ଥ ରାସ୍ତା କଡରେ ଠିଆ ହୋଇଥିଲେ। ଏହି ସମୟରେ ବୀରମହାରାଜପୁର ପାର୍ଶ୍ୱରୁ ଗରିଆମୁଣ୍ଡା ରାସ୍ତାରେ ରେଢାଖୋଲ ଆଡକୁ ଦ୍ରୁତ ଗତିରେ ଯାଉଥିବା ଏକ ଟ୍ରକ (ନଂ ସିଜି ୦୪ ଏନଏମ ୫୫୮୯) ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ବୀରମହାରାଜପୁର ଡାକ୍ତରଖାନା ନିଆଯାଇଥିଲା। ମାତ୍ର ଡାକ୍ତର ସେଠାରେ ମଙ୍ଗୁଲୁଙ୍କୁ ମୃତ ଘୋଷଣା କରିଥିଲେ। ସୁବଳୟା ପୋଲିସ ଗରିଆମୁଣ୍ଡାରୁ ଉକ୍ତ ଟ୍ରକକୁ ଜବତ କରିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ କରୁଛି। ଖବର ଲେଖାଯିବା ପର୍ଯ୍ୟନ୍ତ ସୁବଳୟା ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି। ଯୁବକ ଜଣକ ସୁବଳୟା ଶିବ ମନ୍ଦିରର ପୂଜକ ହୋଇଥିବାରୁ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ମଙ୍ଗୁଲୁଙ୍କ ଅଢେଇ ବର୍ଷର ଏକ ଶିଶୁପୁତ୍ର ଅଛି। ତାଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି।



ମଙ୍ଗୁଲୁ ଖମାରୀ(ଫାଇଲ ଫଟୋ)।

# ଗଞ୍ଜେଇ ଜବତ: ୩ ଗିରଫ



ଜବତ ଗଞ୍ଜେଇ ଓ ଗିରଫ ଅଭିଯୁକ୍ତ।

**ବାଉଁଶୁଣୀ, ୨୭।୪(ଡି.ଏନ.ଏ.)**

ବାଉଁଶୁଣୀ ପୋଲିସ ଅଁଳାପାଲି ନିକଟରୁ ଗୁରୁବାର ଏକ ବାଇକ୍ (ଓଡି୩୧କେ-୬୭୩୩) ସହ ୧୪ କେଜି ଗଞ୍ଜେଇ ଜବତ କରି ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମନୁପାଲି ଗ୍ରାମପଞ୍ଚାୟତ ଡିଗି ଗ୍ରାମର ରୁତୁରାଜ କର୍ଣ୍ଣ, ଧନତ୍ରୀ ପ୍ରଧାନ ଓ ଅଁଳାପାଲି ପଞ୍ଚାୟତ ହିଲୁଙ୍ଗ ଗ୍ରାମର ରିକେଶ କର। ସୂଚନା ଅନୁଯାୟୀ ଅଁଳାପାଲି ପଞ୍ଚାୟତ ରାଜବନ୍ଧ ନିକଟରେ ଗଞ୍ଜେଇ ବିକ୍ରି ଉଦ୍ୟମ ହେଉଥିବା ଖବର ପାଇ ଥାନା ଅଧିକାରୀ ଅରୁଣ କୁମାର ସିଂ ଓ ଅନ୍ୟ କର୍ମଚାରୀ ଚଢାଉ କରିଥିଲେ। ସେଠାରୁ ବାଇକ୍ ସହ ଗଞ୍ଜେଇ ଭର୍ତ୍ତି ବସ୍ତା ଓ ସମ୍ପୃକ୍ତ ଅଭିଯୁକ୍ତଙ୍କୁ କାବୁ କରି ପୋଲିସ ଥାନାକୁ ଆଣିଥିଲା। ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ସିଂ ସୂଚନା ଦେଇଛନ୍ତି। ଏ ନେଇ ଥାନାରେ ୬୫/୨୩ରେ ଏକ ମାମଲା ରୁଜୁ ହୋଇଛି।

# ତମାଖୁ ବିକ୍ରି ଦୋକାନରେ ଚଢ଼ାଉ

**ସୋନପୁର,୨୭।୪(ନି.ପ୍ର.)**

ସୋନପୁର ସହରରେ ତମାଖୁ ଜାତୀୟ ଦ୍ରବ୍ୟ ବିକ୍ରି କରୁଥିବା ଦୋକାନଗୁଡିକ ଉପରେ ଗୁରୁବାର ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ପକ୍ଷରୁ ଚଢାଉ କରାଯାଇଛି। ଏହି ଟିମ୍ ତମାଖୁ ଜାତୀୟ ଦ୍ରବ୍ୟର ବ୍ୟବହାର ଓ ବିକ୍ରି ନିଷେଧ ପାଇଁ ପାନ ଦୋକାନଗୁଡିକରେ ଚଢାଉ କରିଥିଲେ। ତନଖି ସମୟରେ ମୋଟ ୨୨ଟି ଦୋକାନରେ ତମାଖୁ ଜାତୀୟ ଦ୍ରବ୍ୟ ବିକ୍ରି ହେଉଥିବା ଜଣାପଡିଥିଲା। ସମ୍ପୃକ୍ତ ଦୋକାନୀଙ୍କ ଠାରୁ ମୋଟ ୧୯୭୦ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହି ଚଢାଉରେ ଡ୍ରଗ୍ସ ଇନ୍ସପେକ୍ଟର ଉମା ଶଙ୍କର ମେହେର, ଅଣସଂକ୍ରାମକ ରୋଗର ସହ ପରିଚାଳକ ଗୀତାଞ୍ଜଳି ମେହେର, ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ, ଅବକାରୀ ଏଏସଆଇ ଡୋଲାମଣି ପ୍ରଧାନ ଓ ପୋଲିସ ଟିମ୍ ସାମିଲ ଥିଲେ। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଶ୍ୱରଞ୍ଜନ ପତି ଏବଂ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋଜ ଅଦାବରଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢାଉ ହୋଇଥିଲା। ତେବେ ସରକାର ତମାଖୁ ଜାତୀୟ ଦ୍ରବ୍ୟ ଉତ୍ପାଦନ ଓ ବିକ୍ରି କ୍ଷେତ୍ରରେ ବଡ କମ୍ପାନୀ ଉପରେ ଅଙ୍କୁଶ ଲଗାଉ ନ ଥିବା ବେଳେ ଛୋଟ ଦୋକାନୀଙ୍କ ଉପରେ ଚଢାଉର କୌଣସି ପ୍ରଭାବ ପଡୁ ନ ଥିବା ଆଲୋଚନା ହେଉଛି।

# ଅଷ୍ଟପ୍ରହର ପାଇଁ କଳସ ଶୋଭାଯାତ୍ରା



କାନପୁରରେ ଅଷ୍ଟପ୍ରହର ପାଇଁ କଳସ ଶୋଭାଯାତ୍ରା।

**ଅମରପାଲି,୨୭।୪(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ ଉଫୁଲା ପଞ୍ଚାୟତର କାନପୁରରେ ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ସକାଳୁ ଗ୍ରାମ ପୋଖରୀରୁ ଏକ ଶୋଭାଯାତ୍ରାରେ ଜଳପୂର୍ଣ୍ଣ କଳସ ଅଣାଯାଇଥିଲା। ଜଳପୂର୍ଣ୍ଣ କଳସ ଆଣି ନାମ ମଣ୍ଡପ ଓ ହୋମ ମଣ୍ଡପରେ ସ୍ଥାପନ କରାଯାଇଛି। ପରେ ନାମ ଅଧିବାସ କରାଯାଇଛି। ଆଖପାଖର ଚାରୋଟି ସଂକୀର୍ତ୍ତନ୍ୟ ଦଳ ଅଂଶଗ୍ରହଣ କରି ସଂକୀର୍ତ୍ତନ୍ୟ ପରିବେଷଣ କରିଥିଲେ। ଏଥିରେ ହିଲୁଙ୍ଗ ସମିତିସଭ୍ୟ ଶୈଳ ରଞ୍ଜନ ବାଦୀ ସପତ୍ନିକ କର୍ତ୍ତା ଭାବେ କାର୍ଯ୍ୟ ତୁଲାଉ ଥିବା ବେଳେ ସନ୍ତୋଷ ଦାଶ ପୂଜକ ଭାବେ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଗ୍ରାମର କଂଗ୍ରେସ ବାଦୀ, ଘାସିରାମ ବାଦୀ, ଜୟକୃଷ୍ଣ ସୁନା, ସଞ୍ଜୟ ଭୋଇ, ବୁଧୁରାମ ବେହେରାଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ଶୁକ୍ରବାର ପୂର୍ଣ୍ଣାହୁତି ହେବ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କାର୍ଯ୍ୟାଳୟ ସହାୟକ କର୍ମଶାଳା

**ଡୁଙ୍ଗୁରିପାଲି,୨୭।୪(ଡି.ଏନ.ଏ.)**



ପ୍ରଶିକ୍ଷଣରେ ଯୋଗ ଦେଇଥିବା ଗୁରୁମା ଗୁରୁଜୀ।

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଶିକ୍ଷା ବିକାଶ ସମିତି ଓଡିଶା ଦକ୍ଷିଣ ପଶ୍ଚିମ ସମ୍ଭାଗ ପକ୍ଷରୁ ଗତ ୨୫ତାରିଖ ଠାରୁ ଆରମ୍ଭ କାର୍ଯ୍ୟାଳୟ ସହାୟକ କର୍ମଶାଳା ଗୁରୁବାର ତୃତୀୟ ଦିବସରେ ପହଞ୍ଚିଛି। ପ୍ରଥମ ଦିନରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁବାଷ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ହିନ୍ଦୁ ଜୀବନଶୈଳୀରେ ବୈଜ୍ଞାନିକତା ବିଷୟରେ ମାର୍ଗଦର୍ଶନ କରିଥିଲେ। ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ମହେନ୍ଦ୍ର ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦକ୍ଷିଣ ପଶ୍ଚିମ ସମ୍ଭାଗ ଅନ୍ତର୍ଗତ ୮ ଗୋଟି ବିଦ୍ୟାଳୟରୁ ୧୧୮ ଜଣ କାର୍ଯ୍ୟାଳୟ ସହାୟକ ପ୍ରଶିକ୍ଷଣ ନେଇଥିବା ଜଣା ପଡିଛି। ସେମାନଙ୍କ ମଧ୍ୟରୁ ୫୬ଜଣ ଗୁରୁମା ଓ ୬୨ ଜଣ ଗୁରୁଜୀ ଉପସ୍ଥିତ ରହି ପ୍ରଶିକ୍ଷଣ ନେଇଛନ୍ତି। ଏହି କର୍ମଶାଳା ଶୁକ୍ରବାର ଉଦଯାପିତ ହେବ।

# ପିସିସିକୁ ହରାଇ ଆନ୍ୟା ସ୍ପୋର୍ଟିଙ୍ଗ ବିଜୟୀ

**ବିନିକା,୨୭।୪(ଡି.ଏନ.ଏ.)**

**ବିପିଏଲ ସିଜନ-୩ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

ସୁବର୍ଣ୍ଣପୁର ଜିଲା ବିନିକା ସ୍ପୋର୍ଟସ କ୍ଲବ ତରଫରୁ ଗୁରୁବାର ସ୍ଥାନୀୟ ବିଜୁ ପଟ୍ଟନାୟକ ଷ୍ଟାଡିୟମଠାରେ ଆଇପିଏଲ ଢାଞ୍ଚାରେ ଚାଲିଥିବା ବିପିଏଲ ସିଜନ-୩ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ ରାଉଣ୍ଡର ଦ୍ୱିତୀୟ ମ୍ୟାଚରେ ପିସିସିକୁ ହରାଇ ଆନ୍ୟା ସ୍ପୋର୍ଟିଙ୍ଗ ବିଜୟୀ ହୋଇଛି। ଟସ୍ ଜିଣି ପିସିସି ପ୍ରଥମେ ବ୍ୟାଟିଂ କରି ୯ଓଭରରେ ସମସ୍ତ ଉଇକେଟ ହରାଇ ୪୧ରନ କରିଥିଲା ତାର ଜବାବରେ ଆନ୍ୟା ସ୍ପୋର୍ଟିଙ୍ଗ ୮.୩ ଓଭରରେ ୪ ଉଇକେଟ ହରାଇ ୪୨ରନ କରି ବିଜୟୀ ହୋଇଥିଲା। ମ୍ୟାଚକୁ ପ୍ରଦୀପ ମହାଳିଂ ଓ ଜିତେନ୍ଦ୍ର ମାହାଣା ପରିଚାଳନା କରିଥିଲେ। ସ୍କୋରର ଭାବେ ହାଡୁ ବଡେଇ, ଆଲୋକ ସେଠୀ ଏବଂ ମ୍ୟାଚର ଧରା ବିବରଣୀ ଶଶାଙ୍କ ଓ ଭବାନୀ ପ୍ରଦାନ କରିଥିଲେ। ସ୍ପୋର୍ଟସ କ୍ଲବ ଉପସଭାପତି ବୁଲୁ ଦଣ୍ଡିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅନୁସୂଚିତ ଜାତି ମୋର୍ଚ୍ଚା ପ୍ରଭାରୀ ବଳରାମ ସୁନା, ସମ୍ମାନିତ ଅତିଥି ଭାବେ ବିନିକା ଭାଜପା ପୂର୍ବତନ ନଗର ସଭାପତି ସମ୍ବିତ ନେପାକ, ବିନିକା ନଗର ଇପ ସଭାପତି ଧର୍ମେନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶୁକ୍ରବାର ଅପରାହ୍ନରେ ଅତୁଳ-୧୧ ବନାମ ବାଦୀ ବ୍ରଦର୍ସ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

# ସୋଲାର ଜଳ ପ୍ରକଳ୍ପ ଅଚଳ

**ଅମରପାଲି,୨୭।୪(ଡି.ଏନ.ଏ)**



ଅମାତପାଲିରେ ଅଚଳ ସୌର ପ୍ରକଳ୍ପ।

- ଗ୍ରାମରେ ପାନୀୟ ଜଳ ସଙ୍କଟ
- ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ଦାବି

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କେନଝିରିଆପାଲି ପଞ୍ଚାୟତର ଅମାତପାଲି ଗ୍ରାମରେ ଦୀର୍ଘ ୧୫ଦିନ ହେଲା ସୋଲାର ଜଳ ପ୍ରକଳ୍ପ ଅଚଳ ହୋଇ ପଡିଛି। ଫଳରେ ଗ୍ରାମରେ ଦେଖାଦେଇଛି ପାନୀୟ ଜଳ ସଙ୍କଟ। ଅମାତପାଲି ଗ୍ରାମ ପଞ୍ଚାୟତର ଗୋଟିଏ ୱାର୍ଡ ବିଶିଷ୍ଟ ଗ୍ରାମ। ଗ୍ରାମରେ ୭୦-୮୦ ପରିବାର ବସବାସ କରନ୍ତି। ଗ୍ରାମର ଲୋକେ ଗ୍ରାମରେ ଥିବା ପୋଖରୀ ଓ ନଳକୂପଗୁଡିକ ଉପରେ ନିର୍ଭର କରନ୍ତି। ସଂପ୍ରତି ଗ୍ରୀଷ୍ମ ପ୍ରବାହ ଯୋଗୁ ଗ୍ରାମର ଜଳାଶୟ ଓ ପୋଖରୀଗୁଡିକ ଶୁଖି ଯାଇଛି। ଏପରି କି ଗ୍ରାମରେ ଥିବା ନଳକୂପଗୁଡିକ ମଧ୍ୟରୁ କେତେକ ନଳକୂପରୁ ଆବଶ୍ୟକ ଠାରୁ କମ ପାଣି ବାହାରୁ ଥିବା ବେଳେ ଆଉ କେତେକରୁ ବ୍ୟବହାର ଅନୁପଯୋଗୀ ପାଣି ବାହାରୁଛି। ତେଣୁ ଗ୍ରାମବାସୀ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ଗ୍ରାମର ଲୋକେ ପାନୀୟ ଜଳ ଠାରୁ ଆରମ୍ଭ କରି ସ୍ନାନ ଶୌଚ, ରୋଷେଇବାସ ଆଦି କାମ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୃହପାଳିତ ପଶୁମାନେ ପାଣି ପାଇଁ ଡହକ ବିକଳ ହେଉଥିବା ଦେଖିବାକୁ ମିଳୁଛି। ଏଭଳି ପରିସ୍ଥିତିରେ ପାନୀୟ ଜଳ ପ୍ରକଳ୍ପ ଅଚଳ ହେତୁ ଗ୍ରାମବାସୀ ବାଧ ହୋଇ କେତେଜଣ ବ୍ୟକ୍ତିଙ୍କ ଘରୁ ପାଣି ଆଣୁଛନ୍ତି। ଗ୍ରାମରେ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ଏକ ସୋଲାର ଜଳ ପ୍ରକଳ୍ପ କରାଯାଇଥିଲା। ସୋଲାର ପ୍ଲେଟ ଲଗା ଯାଇଥିବା ବେଳେ ପାଣିଟାଙ୍କି ଲଗାଯାଇଥିଲା। ଫଳରେ ପାନୀୟ ଜଳ ସମସ୍ୟା ନ ଥିଲା। ଏବେ ପ୍ରକଳ୍ପ ଅଚଳ ହେତୁ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଛି। ଏନେଇ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳିନାହିଁ। ବୀରମହାରାଜପୁର ବିଡିଓ ମୋତିଲାଲ ସୁଲିଆ ସ୍ଥାନୀୟ ସରପଞ୍ଚଙ୍କୁ ଯଥାଶୀଘ୍ର ଏହି ପ୍ରକଳ୍ପ ମରାମତି କରି କାର୍ଯ୍ୟକ୍ଷମ କରିବାକୁ କହିଛନ୍ତି। ଯଥାଶୀଘ୍ର ଏହାକୁ କାର୍ଯ୍ୟକ୍ଷମ କରିବାକୁ ଦାବି ହେଉଛି।

## ସଂକ୍ଷେପରେ

### ବସ୍‌ଯାତ୍ରୀଙ୍କଠୁ ଲୁଟ୍ ଅଭିଯୋଗ, ୨ ଗିରଫ

**ରାଉରକେଲା ଅଫିସ,୨୭।୪:** ରାଉରକେଲା ନୂଆ ବସ୍‌ଷ୍ଟାଣ୍ଡରେ ଜଣେ ଯାତ୍ରୀ ବସକୁ ଅପେକ୍ଷା କରିଥିବାବେଳେ ତାଙ୍କଠାରୁ ମୋବାଇଲ ଓ ଟଙ୍କା ଲୁଟ୍ ଅଭିଯୋଗରେ ପ୍ଲାଣ୍ଟସାଇଟ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଗୁରୁଦ୍ୱାରା ରୋଡ୍‌ର ଶମ୍ଭୁ ରାମ ଓ ବଙ୍ଗାଳି ବସ୍ତିର ରୋହିତ ସିଂହ। ଉଭୟଙ୍କଠାରୁ ଚୋରି ମୋବାଇଲ ଓ ଟଙ୍କା ଜବତ ହୋଇଛି। ସୂଚନା ଅନୁସାରେ, ସମ୍ବଲପୁର ଅଞ୍ଚଳର ବିକାଶ ରାୟ ଗତ ୨୬ତାରିଖ ପୂର୍ବାହ୍ନ ସାଢେ ୧୧ଟାରେ ରାଉରକେଲା ନୂଆ ବସଷ୍ଟାଣ୍ଡରେ ବସ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ଉକ୍ତ ଅଭିଯୁକ୍ତ ତାଙ୍କ ମୋବାଇଲ ଓ ଟଙ୍କା ନେଇ ପଳାଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୧୪୪।୨୩) ରୁଜୁ କରି ଘଟଣାର ତଦନ୍ତ କରି ଶମ୍ଭୁ ଓ ରୋହିତଙ୍କୁ ଗୁରୁବାର ଗୁରୁଦ୍ୱାରା ରୋଡ ଅଞ୍ଚଳରୁ ଗିରଫ କରିଥିଲା।

### ଆଜିଠାରୁ ରାଜଗାଙ୍ଗପୁର ମହୋତ୍ସବ ଝରଝରା

**ରାଜଗାଙ୍ଗପୁର ୨୭।୪ (ଡି.ଏନ.ଏ):** ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସହରରେ ଶୁକ୍ରବାରଠାରୁ ରାଜଗାଙ୍ଗପୁର ମହୋତ୍ସବ ଝରଝରା ଆରମ୍ଭ ହେଉଛି। ଏହି ମହୋତ୍ସବ ରାଜଗାଙ୍ଗପୁରରେ ୨୦୦୯ ମସିହାରେ ସ୍ଥାନୀୟ ପ୍ରଶାସନ ତଥା ରାଜଗାଙ୍ଗପୁର ଜନସାଧାରଣଙ୍କ ସହାୟତାରେ ଆରମ୍ଭ ହୋଇଥିଲା। କରୋନା ପାଇଁ ମଝିରେ ୪ବର୍ଷ ଧରି ବନ୍ଦ ରହିଥିଲା। ଚଳିତବର୍ଷ ପୁଣି ସ୍ଥାନୀୟ ପ୍ରଶାସନ ଓ ଜନସାଧାରଣଙ୍କ ସହାୟତାରେ ଆରମ୍ଭ ହୋଇଛି। ଏହି ମହୋତ୍ସବ ତିନି ଦିନ ଧରି ଚାଲିବ ଯଥା ୨୮,୨୯ ଓ ୩୦। ଚଳିତ ମହୋତ୍ସବରେ ସ୍ଥାନୀୟ କଳାକାରମାନଙ୍କୁ ପ୍ରୋତ୍ସାହନ ଦେବା ସହ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ତଥା ରାଜ୍ୟ ବାହାରୁ ବିଭିନ୍ନ କଳାକାର ମାନଙ୍କୁ ଯୋଗଦେବା ପାଇଁ ବ୍ୟବସ୍ଥା କରାଯାଇଛି। ଏଥିସହିତ ବିଭିନ୍ନ ଷ୍ଟଲ ବସିବା ପାଇଁ ମଧ ବ୍ୟବସ୍ଥା ରହିଛି। ଝରଝରା କମିଟି ସଭାପତି ମୋହନ ଅଗ୍ରୱାଲ ଓ ସମ୍ପାଦକ ଅଶୋକ ଦାସ ତଥା କମିଟି ପକ୍ଷରୁ ବିପୁଳ ସଂଖ୍ୟାରେ ଜନସାଧାରଣ ଯୋଗ ଦେଇ ଏହି ମହୋତ୍ସବକୁ ଉପଭୋଗ କରିବା ପାଇଁ ଅନୁରୋଧ କରାଯାଇଛି ।

### ନ୍ୟାୟ୍ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ

**ଭବାନୀପାଟଣା,୨୭।୪(ସ୍ୱ.ପ୍ର.):** କଳାହାଣ୍ଡି ଜିଲାରେ ଥମୁନି ଦାଦନ ସମସ୍ୟା। ଗତ କିଛି ଦିନ ମଧରେ ଜିଲାର ୯ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଏଥିପ୍ରତି ଜିଲା ଶ୍ରମ ବିଭାଗ ତଥା ଜିଲା ପ୍ରଶାସନର ଆୟତ୍ତ ନ ଥିବାରୁ ଦିନକୁ ଦିନ ଏହି ସମସ୍ୟା ବଢ଼ିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ପୁଣି ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ତେଲଙ୍ଗାନା ରାଜ୍ୟକୁ କାମ କରିବାକୁ ଯାଇଥିବା ୩୦ରୁ ଉର୍ଦ୍ଧ୍ୱ ଶ୍ରମିକ ନିର୍ଯାତନା ସହି ନ ପାରି ଲୁଚିକରି ଫେରି ଆସିଛନ୍ତି। ନ୍ୟାୟ୍ ପାଇଁ ସେମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ ମଧ ଦେଇଛନ୍ତି। ଏବେ ବି ସେଠାରେ ଅନେକ ଝିଅ (ନାବାଳିକା) ଫସି ରହିଥିବା ସେମାନେ କହିଛନ୍ତି। ସମସ୍ତେ ଜିଲାର ଲାଞ୍ଜିଗଡ଼ ବ୍ଲକ ବିଜେପୁର, ମାଲିଜୁବାଙ୍ଗ, କାନକୁଟ୍ରୁ ଅଞ୍ଚଳର। ଗତ କିଛି ଦିନ ତଳେ ମୁନିଗୁଡ଼ାର ଜଣେ ଦଲାଲକଥାରେ ପଡ଼ି ଦାଦନ ଖଟିବାକୁ ତେଲଙ୍ଗାନାକୁ ଯାଇଥିଲେ। ସେଠାରେ ସେମାନେ ଏକ ଚିଙ୍ଗୁଡ଼ି କମ୍ପାନୀରେ କାମ କରୁଥିଲେ। ହେଲେ ମାଲିକଙ୍କ ପୁଅ ସେଠାରେ ସେମାନଙ୍କୁ ଶାରୀରିକ ନିର୍ଯ୍ୟାତନା ଦେବା ସହ ମାଡ଼ ମାରିବା ଭଳି ସଙ୍ଗିନ ଅଭିଯୋଗ ସେମାନେ ଆଣିଛନ୍ତି। ଶୀଘ୍ର ସେଠାରେ ଫସିଥିବା ନାବାଳିକା ଝିଅଙ୍କୁ ଉଦ୍ଧାର କରିବା ପାଇଁ ସେମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

# ଟାଙ୍ଗରପାଲି ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ

**ଜଙ୍ଗଲ ଜମି ଅଧିକାର ଆଇନର ପଟ୍ଟା ପ୍ରଦାନରେ ପ୍ରଶାସନର ବିଳମ୍ବ ନିତି ପ୍ରତିବାଦ**

**ସୁନ୍ଦରଗଡ,୨୭।୪(ଡି.ଏନ.ଏ.)**

ଅନୁସୂଚିତ ଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କୁ ଜଙ୍ଗଲ ଅଧିକାର ସ୍ୱକୃତୀ ଆଇନ ଅନୁଯାୟୀ ଶିରୋନାମା(ପଟ୍ଟା)ପ୍ରଦାନରେ ଜିଲା ପ୍ରଶାସନର ବିଳମ୍ବ ନୀତି ପ୍ରତିବାଦରେ ଗୁରୁବାର ସିପିଆଇ ପକ୍ଷରୁ ଟାଙ୍ଗରପାଲି ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ଆଠ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ତହସିଲଦାରଙ୍କ ଜରିଆରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ପୂର୍ବତନ ଜିଲାପାଳଙ୍କ ସମୟରେ ଦାବି ମୁତାବକ ଗତ୧୫ ଡିସେମ୍ବର ୨୦୨୨ରୁ ଶିରୋନାମା (ପଟ୍ଟା) ବଣ୍ଟନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ପତ୍ର ସ ଖ୍ୟା୧୦୫/ତା-୯/୫/୨୦୨୨ମତେ ଆଦେଶ ଜାରି କରିଥିଲେ। ହେଲେ ଏହା ମଧରେ ୧୧ମାସ ବିତିଯିବା ପରେ ମଧ ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏଣୁ ଯଥାଶୀଘ୍ର ଶିରୋନାମା ବଣ୍ଟନ ପ୍ରକ୍ରିୟା ଆରମ୍ଭ କରାଯାଇ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଶିରୋନାମା ପ୍ରଦାନ, ଦରଖାସ୍ତକାରୀଙ୍କ ସୁବିଧା ପାଇଁ ଏକ ଟୋଲ ଫ୍ରି ନମ୍ବର ଜାରି କରାଯିବା, ଗ୍ରାମ ସଭାକୁ ଅବମାନନା କରୁଥିବା ବ୍ୟକ୍ତି ଓ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ଜଙ୍ଗଲ ଜମି ନାକଚ ମାମଲା ଗୁଡିକର ଠିକ ଭାବେ ଶୁଣାଣୀ ହେଉ, ଘର ଡିହ ନ ଥିବା ପରିବାରଙ୍କୁ ୧୦ ଡିସିମିଲ ଲେଖାଏଁ ଘରଡିହ ପ୍ରଦାନ, ସରକାରୀ, ଗୋଚର ତଥା ଜଙ୍ଗଲ ଜମିରେ ପୁରୁଷ ପୁରୁଷ ଧରି ବସବାସ କରିଆସୁଥିବା ପରିବାରଙ୍କୁ ସେହି ସ୍ଥାନରେ ଘରଡିହ ପଟ୍ଟା ପ୍ରଦାନ ଏବଂ ରାଜସ୍ୱ ଗ୍ରାମର ମାନ୍ୟତା ପାଇବା ପାଇଁ ହକଦାର ଥିବା ବନ ଗ୍ରାମ ଓ ବଡ ଟୋଲାକୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ ପାଇଁ ଦାବି କରାଯାଇଛି। ଦାବି ଗୁଡିକ ଅବିଳମ୍ବେ ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ବ୍ୟାପକ ହେବ ବୋଲି ଚେତାବନୀ ଦିଆଯାଇଛି। ସିପିଆଇ ଟାଙ୍ଗରପାଲି ଜୋନ ସମ୍ପାଦକ ସନ୍ତୋଷ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହିପରି ବିକ୍ଷୋଭ ସଭାରେ ସିପିଆଇ ରାଜ୍ୟ ପରିଷଦ ସଭ୍ୟ ତଥା ବିସ୍ଥାପନ ଓ ପ୍ରଦୂଷଣ ବିରୋଧୀ ନେତାମାନେ ରାଜେନ୍ଦ୍ର ନାଏକ ଯୋଗଦେଇ ଜଙ୍ଗଲ ଜମି ପଟ୍ଟା ପ୍ରଦାନରେ ଜିଲା ପ୍ରଶାସନର ଅପାରଗତାକୁ ନେଇ ସମାଲୋଚନା କରିଥିଲେ। ଜିଲା ସମ୍ପାଦକ ସୁନିଲ ନାଏକ ଯୋଗ ଦେଇ,କୌଣସି କମ୍ପାନୀ କିମ୍ବା ପୁଞ୍ଜିପତିଙ୍କୁ ଆବଶ୍ୟକ ହେଉଥିବା ଶହଶହ ଏକର ଜମି ଅବିଳମ୍ବେ ଯୋଗାଇ ଦିଆଯାଉଛି।କିନ୍ତୁ ଦୀର୍ଘ ବର୍ଷ ଧରି ଜଙ୍ଗଲ ଜମିରେ ବସବାସ କରିଆସୁଥିବା ପରିବାରଙ୍କୁ ଶିରୋନାମା ପ୍ରଦାନରେ କରାଯାଉ ନାହିଁ।ଅନ୍ୟ ମାନଙ୍କ ମଧରେ ହେମଗିର ଜୋନ ସମ୍ପାଦକ ରାଧେଶ୍ୟାମ ଗର୍ଡିଆ,ଅଖିଳ ଭାରତ ଯୁବ ସଙ୍ଘର ନରେଶ ମେହେର,ନାରୀ ନେତ୍ରୀ ସୁକମତୀ ଓରାମ,ଅଞ୍ଜଳୀ ନାଏକ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ।

# ଚୋରି ବୋଲେରୋ ଉଦ୍ଧାର: ୨ ଗିରଫ



ବୋଲେରୋ ଚୋରି ଘଟଣାରେ ଗିରଫ ୨ ବ୍ୟକ୍ତି ଓ ପୋଲିସ କର୍ମଚାରୀ।

**ଦେବଗଡ଼, ୨୭।୪(ଡି.ଏନ୍.ଏ.)**

ଗତ ୧୫ ତାରିଖ ରାତିରେ ଦେବଗଡ଼ ପୌରାଞ୍ଚଳ ଓଲଟବର ଛକ ନିକଟସ୍ଥ ଦୟାନିଧି ସାହୁଙ୍କ ଘର ସମ୍ମୁଖରୁ ଚୋରି ହୋଇଥିବା ବୋଲେରୋକୁ ଦେବଗଡ଼ ଆଦର୍ଶ ଥାନା ପୋଲିସ ଉଦ୍ଧାର କରିବା ସହ ଏ ଘଟଣାରେ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଯୁବକ ଦ୍ୱୟ ବଲାଙ୍ଗୀର ଜିଲା ପୁଇଁତଳା ଥାନା କୁଲଥିପାଲି ଗ୍ରାମର ରାଜା ଓରଫ ସତ୍ୟନାରାୟଣ ଦଳେଇ (୩୦) ଓ ଶିବା ଓରଫ ବୈଷ୍ଣବ ଦଳେଇ (୨୮)ବୋଲି ଜଣାପଡିଛି। ସୂଚନାଯୋଗ୍ୟ ଯେ, ଦେବଗଡ଼ ଥାନା ଅନ୍ତର୍ଗତ କଳାମାଟି ଗ୍ରାମର ବାବୁଲାଲ ପଣ୍ଡା ନାମକ ଜଣେ ଯୁବକ ଦୟାନିଧି ସାହୁଙ୍କ ଘରେ ଭଡାରେ ରହି ବୋଲେରୋ ବ୍ୟବସାୟ କରୁଥିଲେ। ସେ ଉକ୍ତ ବୋଲେରୋ ନଂ. ଓଆର ୧୫-ଜେ-୧୬୨୮କୁ ଅନ୍ୟଦିନମାନଙ୍କ ଭଳି ଗତ ୧୫ ତାରିଖ ରାତିରେ ମଧ ଘର ସମ୍ମୁଖରେ ରଖି ଶୋଇବାକୁ ଯାଇଥିଲେ। ରାତି ପ୍ରାୟ ୨ଟାରେ ସେ ପରିଶ୍ରା କରିବାକୁ ବାହାରକୁ ବାହାରିଥିବାବେଳେ ସେଠାରେ ଉକ୍ତ ବୋଲେରୋ ନ ଥିବା ଜାଣିବାକୁ ପାଇଥିଲେ। ପଣ୍ଡା ୧୬ ତାରିଖ ସକାଳେ ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିବାରୁ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା।

# ଆଗାମୀ ନିର୍ବାଚନରେ ନବନିର୍ମାଣ କୃଷକ ସଙ୍ଗଠନ ଦେବ ପ୍ରାର୍ଥୀ

**ଦେବଗଡ଼, ୨୭।୪(ଡି.ଏନ୍.ଏ.)**




ଖବରଦାତା ସମ୍ମିଳନୀରେ ନବନିର୍ମାଣ କୃଷକ ସଙ୍ଗଠନର କର୍ମକର୍ତ୍ତା।

ରାଜ୍ୟ ସରକାର କିମ୍ବା କେନ୍ଦ୍ର ସରକାର ଗରିବ ଚାଷୀଙ୍କ ସ୍ୱାର୍ଥ ଏବଂ ନ୍ୟାର୍ଯ୍ୟ ଦାବିକୁ ଅଣଦେଖା କରିଆସୁଛନ୍ତି। ଏଣୁ ଗରିବ, ଖଟିଖିଆ, ଚାଷୀ ଏବଂ ଶ୍ରମିକ ଶ୍ରେଣୀର ଲୋକେ 'ଚାଷୀ ସରକାର' ଗଠନ ପାଇଁ ମନ ବଳାଇଲେଣି। ଏଣୁ ଏହାକୁ ଦୃଷ୍ଟିରେ ରଖି ଆଗାମୀ ବିଧାନସଭା ଏବଂ ଲୋକସଭା ସାଧାରଣ ନିର୍ବାଚନରେ ନବନିର୍ମାଣ କୃଷକ ସଙ୍ଗଠନର ପ୍ରାର୍ଥୀମାନେ ପ୍ରତିଦ୍ୱନ୍ଦିତା କରିବେ ବୋଲି ଗୁରୁବାର ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ସ୍ଥାନୀୟ ଏକ ଘରୋଇ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଗତ ୨୩ ତାରିଖ ପବିତ୍ର ଅକ୍ଷୟ ତୃତୀୟା ତିଥିରେ ଜଗନ୍ନାଥଧାମ ପୁରୀରୁ ଶୁଭାରମ୍ଭ ହୋଇଥିବା 'ଲୋକ ସମ୍ପର୍କ ଯାତ୍ରା' ଗୁରୁବାର ଦେବଗଡ଼ରେ ପହଞ୍ଚିବା ପରେ ସ୍ଥାନୀୟ ଏକ ଘରୋଇ ହୋଟେଲରେ ସଙ୍ଗଠନ ପକ୍ଷରୁ ଖବରଦାତା ସମ୍ମିଳନୀ ଡକାଯାଇଥିଲା। ସମ୍ମିଳନୀରେ ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଯୋଗଦେଇ ଏହି ସୂଚନା ଦେଇଛନ୍ତି। ତେବେ କେଉଁ କେଉଁ ଆସନରୁ ଏବଂ କେତୋଟି ଆସନରୁ ନବନିର୍ମାଣ କୃଷକ ସଙ୍ଗଠନର ପ୍ରାର୍ଥୀମାନେ ପ୍ରତିଦ୍ୱନ୍ଦିତା କରିବେ ତାହା ସ୍ପଷ୍ଟ ହୋଇନାହିଁ। ମେ ୮ତାରିଖରେ ଏହି 'ଲୋକ ସମ୍ପର୍କ ଯାତ୍ରା' ଉଦଯାପିତ ହେବା ପରେ ସେନେଇ ବୃତାନ୍ତ ନିଷ୍ପତ୍ତି ନିଆଯିବ ବୋଲି ସେ ପ୍ରକାଶ କରିଥିଲେ। ଏହି ସମ୍ମିଳନୀରେ ସଙ୍ଗଠନର ସଦସ୍ୟ ତଥା ପଶ୍ଚିମ ଓଡିଶା ଜବାନ ବିକାଶ ପରିଷଦର ସାଧାରଣ ସମ୍ପାଦକ ଚକ୍ରାନ୍ତ ଜେନା ଯୋଗଦେଇ ଶିଳ୍ପ, ଖଣି ଖାଦାନ ଓ ରେଳଲାଇନ ବିହୀନ ଅନୁନ୍ନତ ଦେବଗଡ଼ ଜିଲାର ରାଜନୈତିକ, ଅର୍ଥନୈତିକ ଏବଂ ସାଂସ୍କୃତିକ ସ୍ଥିତି ଉପରେ ନିଜର କତ୍ତବ୍ୟ ଉପସ୍ଥାପନ କରିଥିଲେ। ଏହାସହ ଚାଷୀ ବହୁଳ ଏହି ନିର୍ବାଚନ ମଣ୍ଡଳୀରେ ସଙ୍ଗଠନର ଆବଶ୍ୟକତା ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ସମ୍ମିଳନୀରେ ସଙ୍ଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ରାଜ୍ୟ ସହ ସଂଯୋଜକ ନିମାଇଁ ରାୟ, ଉମାକାନ୍ତ ରାଉତ ଓ ରଶ୍ମୀରଞ୍ଜନ ସ୍ୱାଇଁ ଏବଂ ନବନିର୍ମାଣ ଯୁବ ଛାତ୍ର ସଙ୍ଗଠନର ରାଜ୍ୟ ସଂଯୋଜକ ମନୱର ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ।

### ଲାଞ୍ଚ ମାମଲାରେ ପୂର୍ବତନ ମହିଳା ସରପଞ୍ଚଙ୍କୁ ଜେଲଦଣ୍ଡ

**ସୁନ୍ଦରଗଡ଼, ୨୭।୪(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ଜଜ୍ ରାଜଲକ୍ଷ୍ମୀ ପଟ୍ଟନାୟକ ଗୁରୁବାର ଏକ ଲାଞ୍ଚ ମାମଲାର ଶୁଣାଣି କରି ଜଣେ ପୂର୍ବତନ ମହିଳା ସରପଞ୍ଚଙ୍କୁ ୨ବର୍ଷ ଜେଲ ସହ ୨ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟ ଅଧିକ ୩ମାସ ଜେଲଦଣ୍ଡ ପାଇଁ କୋର୍ଟ ତାଙ୍କ ରାୟରେ ଆଦେଶ ଦେଇଛନ୍ତି। ଅଭିଯୁକ୍ତ ହେଲେ ସୁନ୍ଦରଗଡ଼ ଜିଲା ସବ୍‌ଡେଗା ବ୍ଲକ କୁଲବା ଗ୍ରାମ ପଞ୍ଚାୟତର ଜୟନ୍ତୀ ପ୍ରଧାନ। ବିବରଣୀରୁ ପ୍ରକାଶ ଯେ, ପୂର୍ବତନ ମହିଳା ସରପଞ୍ଚ ପ୍ରଧାନ ୨୦୧୦ରେ କୁଲବା ଗ୍ରାମର ଜଣେ ହିତାଧିକାରୀ ମେନକା ନାଏକଙ୍କ ନାମରେ ଅନ୍ନପୂର୍ଣ୍ଣା ଅନ୍ତ୍ୟୋଦୟ ଯୋଜନାରେ କାର୍ଡ କରାଇବା ସକାଶେ ୨ହଜାର ଟଙ୍କା ଦାବି କରିଥିଲେ। ଏ ସମ୍ପର୍କରେ ହିତାଧିକାରୀଙ୍କ ପୁଅ ପ୍ରତାପ ନାଏକ ଭିଜିଲାନ୍ସ ବିଭାଗଠାରେ ଅଭିଯୋଗ କରିଥିଲେ। ସରପଞ୍ଚ ପ୍ରଧାନ ତାଙ୍କଠାରୁ ୨ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ସୁନ୍ଦରଗଡ଼ ଭିଜିଲାନ୍ସ ୟୁନିଟର ପୂର୍ବତନ ଡିଏସ୍‌ପି ରାଧାକୃଷ୍ଣ କାନୁନ୍‌ଗୋ ଓ ରାଉରକେଲା ୟୁନିଟ ପୂର୍ବତନ ଇନ୍ସପେକ୍ଟର ଏସ୍. ଟିଗା ମାମଲାର ତଦନ୍ତକାରୀ ଅଫିସର ଥିଲେ। ସରକାରଙ୍କ ପକ୍ଷରୁ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଶ୍ୟାମ ସୁନ୍ଦର ମିଶ୍ର ମାମଲା ପରିଚାଳନା କରୁଥିଲେ।

# ୨୮ ବିଚାର ବିଭାଗୀୟ ଅଧିକାରୀଙ୍କ ବଦଳି

**କଟକ ଅଫିସ,୨୭।୪**

ଓଡ଼ିଶା ହାଇକୋର୍ଟଙ୍କ ଗୁରୁବାର ନିର୍ଦ୍ଦେଶନାମା ଅନୁଯାୟୀ ରାଜ୍ୟର ବିଭିନ୍ନ ଅଦାଲତରେ କାର୍ଯ୍ୟ କରୁଥିବା ୨୮ ଜଣ ବିଚାର ବିଭାଗୀୟ ଅଧିକାରୀଙ୍କୁ ବଦଳି କରାଯାଇଛି। ମଳୟ ରଞ୍ଜନ ଦାଶଙ୍କୁ ବଲାଙ୍ଗୀର ଏଡିଜେ ତଥା ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍, ହିରଣ୍ମୟ ବିଶୋଇଙ୍କୁ ଭୁବନେଶ୍ୱର କୋ-ଅପରେଟିଭ୍ ଟ୍ରିବ୍ୟୁନାଲର ସଦସ୍ୟ(ପିଓ), ବିକ୍ରମ କେଶରୀ ପଟ୍ଟନାୟକଙ୍କୁ ବଲାଙ୍ଗୀର ପରିବାର ଅଦାଲତର ବିଚାରପତି, ଆନନ୍ଦ ଚନ୍ଦ୍ର ବେହେରାଙ୍କୁ ଭୁବନେଶ୍ୱର ପବ୍ଲିକ ପ୍ରସିକ୍ୟୁସନ୍ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି।

ସେହିପରି ବେଣୁଧର ପାତ୍ରଙ୍କୁ ଭୁବନେଶ୍ୱର ଇଣ୍ଡଷ୍ଟ୍ରିଆଲ ଟ୍ରିବ୍ୟୁନାଲର ପ୍ରିଜାଇଡିଂ ଅଫିସର, ରାଜଶ୍ରୀ ଚୌଧୁରୀଙ୍କୁ ଗଞ୍ଜାମ ଜିଲା ଓ ଦୌରାଜଜ୍, ଦେବାଶିଷ ରାଉତଙ୍କୁ ଭୁବନେଶ୍ୱର ଏଡିଜେ ତଥା ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍, ଧନୁର୍ଦ୍ଧର ସେନାପତିଙ୍କୁ ସମ୍ବଲପୁର ଏଡିଜେ ତଥା ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍, ଆନନ୍ଦ ନାରାୟଣ ମହାରଣାଙ୍କୁ ନୟାଗଡ଼ ଜିଲା ଓ ଦୌରାଜଜ୍, ମମିତା ଦାସଙ୍କୁ କେନ୍ଦୁଝର ଅତିରିକ୍ତ ଜିଲା ଓ ଦୌରାଜଜ୍, ଅମିୟ ରଞ୍ଜନ ଜେନାଙ୍କୁ ପୁରୀ ପ୍ରଥମ ଶ୍ରେଣୀ ଜିଲା ଓ ଦୌରାଜଜ୍ ଭାବେ ନିଯୁକ୍ତି ଦିଆଯାଇଛି। ଗୁଣ୍ଡିଚା ସାମନ୍ତସିଂହାରଙ୍କୁ ଯାଜପୁର ପରିବାର ଅଦାଲତର ବିଚାରପତି, ହର ପ୍ରସାଦ ପଟ୍ଟନାୟକଙ୍କୁ ସାଲେପୁର ଅତିରିକ୍ତ ଜିଲା ଓ ଦୌରାଜଜ୍, ପ୍ରଣମ କୁମାର ରାଉତଙ୍କୁ କଟକ ଏସ୍‌ସି ଆଣ୍ଡ୍ ଏସ୍‌ଟି ସ୍ୱତନ୍ତ୍ର ଅଦାଲତର ପିଓ, ସ୍ମୃତିଲେଖା ବାରିକଙ୍କୁ ଭବାନୀପାଟଣା ଅତିରିକ୍ତ ଜିଲା ଓ ଦୌରାଜଜ୍, ସତ୍ୟବ୍ରତ ମିଶ୍ରଙ୍କୁ ଝାରସୁଗୁଡ଼ା ପରିବାର ଅଦାଲତର ବିଚାରପତି, ବିଶ୍ୱରଞ୍ଜନ ବେହେରାଙ୍କୁ ସମ୍ବଲପୁର ଅତିରିକ୍ତ ଜିଲା ଓ ଦୌରାଜଜ୍(ଏଲ୍‌ଆର୍ ଓ ଏଲ୍‌ଟିଭି), ରୁଦ୍ର ପ୍ରସାଦ ମହାପାତ୍ରଙ୍କୁ ଅନୁଗୋଳ ଅତିରିକ୍ତ ଜିଲା ଓ ଦୌରାଜଜ୍ (ଏଲ୍‌ଆର୍ ଓ ଏଲ୍‌ଟିଭି), ସନ୍ଦୀପ କୁମାର ପଟ୍ଟନାୟକଙ୍କୁ କଟକ ଅତିରିକ୍ତ ଜିଲା ଓ ଦୌରାଜଜ୍(ଏଲ୍‌ଆର୍ ଓ ଏଲଟିଭି), ସୁବାସ ଚନ୍ଦ୍ର ଧଳଙ୍କୁ ଝାରସୁଗୁଡ଼ା ଅତିରିକ୍ତ ଜିଲା ଓ ଦୌରାଜଜ୍(ଏଲ୍‌ଆର୍ ଓ ଏଲ୍‌ଟିଭି), ଲଳିତା ମଞ୍ଜରୀ ପଟ୍ଟନାୟକଙ୍କୁ ସମ୍ବଲପୁର ଲାର ଆଣ୍ଡ ଅଥରିଟିର ପିଓ, ସୈକତ ପାତ୍ରଙ୍କୁ ଫୁଲବାଣୀ ଅତିରିକ୍ତ ଜିଲା ଓ ଦୌରାଜଜ୍, ପ୍ରତିମା ପାତ୍ରଙ୍କୁ ଭୁବନେଶ୍ୱର ଅତିରିକ୍ତ ଜିଲା ଓ ଦୌରାଜଜ୍(ଏଲ୍‌ଆର୍ ଓ ଏଲ୍‌ଟିଭି), ଚିନ୍ମୟ ମିଶ୍ରଙ୍କୁ ପୁରୀ ଦ୍ୱିତୀୟ ଶ୍ରେଣୀ ଅତିରିକ୍ତ ଜିଲା ଓ ଦୌରାଜଜ୍(ଏଲ୍‌ଆର୍ ଓ ଏଲ୍‌ଟିଭି), ହିମାଂଶୁ ଶେଖର ସିଂହ ଦ୍ୱିତୀୟ ଶ୍ରେଣୀ ଅତିରିକ୍ତ ଜିଲା ଓ ଦୌରାଜଜ୍(ଏଲ୍‌ଆର୍ ଓ ଏଲ୍‌ଟିଭି), ସରୋଜିନୀ ପତିଙ୍କୁ ବୌଦ୍ଧ ଅତିରିକ୍ତ ଜିଲା ଓ ଦୌରାଜଜ୍, ହରପ୍ରସାଦ ପାଢ଼ୀଙ୍କୁ ସମ୍ବଲପୁର ପୋକ୍ସୋ ସ୍ୱତନ୍ତ୍ର କୋର୍ଟର ବିଚାରପତି ଭାବେ ନିଯୁକ୍ତି ଦିଆଯାଇଥିବା ହାଇକୋର୍ଟ ସୂତ୍ରରୁ ଜଣାଯାଇଛି।

# ଅଙ୍ଗନୱାଡ଼ି ଲେଡିଜ ୱାର୍କର୍ସ ଆସୋସିଏଶନର ବାର୍ଷିକ ଅଧିବେଶନ




ବାର୍ଷିକ ଅଧିବେଶନରେ ଉପସ୍ଥିତ ଅଙ୍ଗନୱାଡ଼ି କର୍ମଚାରୀ।

**କୁତ୍ରା, ୨୭।୪(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା କଲ୍ୟାଣ ମଣ୍ଡପ ଠାରେ ଗୁରୁବାର ଭାରତୀୟ ମଜଦୁର ସଂଘ ଅନୁବନ୍ଧିତ ଅଲ ଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏସନ କୁତ୍ରା ବ୍ଲକର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ବାସନ୍ତୀ ବାଗ ଓ ଜିଲା ତଥା ରାଜ୍ୟ ସମ୍ପାଦିକା ବିମଳା ଲାକ୍ରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଭାରତୀୟ ମଜଦୁର ସଂଘ ରାଷ୍ଟ୍ରୀୟ ସମ୍ପାଦିକା ତଥା ଅଖିଳ ଭାରତୀୟ ଅଙ୍ଗନୱାଡି କର୍ମଚାରୀ ମହାସଂଘର ସଙ୍ଗଠନ ମନ୍ତ୍ରୀ ଅଞ୍ଜଳି ପଟେଲ ଯୋଗଦେଇଥିଲେ। ସମସ୍ତେ ସଙ୍ଗଠିତ ହୋଇ ନିଜ ହକ ପାଇଁ ଲଢ଼ିବାକୁ ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୁରେଶ ତରୱାର, ଖବରଦାତା ଦେବାଶିଷ ସାହୁ, ପ୍ରଶାନ୍ତ ସାହୁ ଯୋଗଦେଇ ସମସ୍ତ କର୍ମୀ ସହାୟିକାମାନଙ୍କୁ ସଙ୍ଗଠିତ ହୋଇ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅଧିବେଶନରେ ୨୦୨୩-୨୪ ବର୍ଷ ପାଇଁ ସର୍ବସମ୍ମତି କ୍ରମେ ୩୬ଜଣ ବ୍ଲକ କମିଟି ପଦାଧିକାରୀ ଓ କାର୍ଯ୍ୟକାରିଣୀ ସଦସ୍ୟା ନିର୍ବାଚିତ ହୋଇଛନ୍ତି। ତନ୍ମଧ୍ୟରୁ ବ୍ଲକ ସଭାପତି ସୁନିତା ମିଞ୍ଜ, ଉପସଭାପତି ପ୍ରୀତି ତିର୍କୀ, ସମ୍ପାଦିକା ଅନୀତା ମିଞ୍ଜ, ସହ ସମ୍ପାଦିକା ମେରୀ ପୁଷ୍ପା ଅନୀତା ହରୋ ତଥା କୋଷାଧ୍ୟକ୍ଷ ଇରାବତୀ ସରୋନିଆଁ ନିର୍ବାଚିତ ହୋଇଥିବାବେଳେ ପ୍ରତି ସେକ୍ଟରରୁ ଦୁଇ ଜଣ ଅଙ୍ଗନୱାଡ଼ି କର୍ମୀ ଏବଂ ଜଣେ ଲେଖାଏଁ ସହାୟିକା ସେକ୍ଟର ଲିଡର ମନୋନୀତ ହୋଇଛନ୍ତି। ତା ସହ ଆଠ ଜଣିଆ ପରାମର୍ଶଦାତା କମିଟି ଗଠନ ହୋଇଛି। ଶେଷରେ ବ୍ଲକ ସଭାପତି ସୁନିତା ମିଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ।

### ସମାଜସେବାରେ ବ୍ରତୀ ପ୍ରଫେସର, ରୋଗୀଙ୍କୁ ବାଣ୍ଟିଲେ ଫଳ

**କୋକସରା,୨୭।୪(ଡି.ଏନ୍.ଏ.)**

ପେସାରେ ସେ ଜଣେ ପ୍ରଫେସର, ନିଶା କିନ୍ତୁ ସମାଜସେବା। ଯେତେବେଳେ ସମୟ ମିଳେ ସମାଜସେବା କରିବାକୁ ଆଗେଇ ଆସନ୍ତି। ସେ ହେଲେ କଳାହାଣ୍ଡି ଜିଲା କୋକସରା ବ୍ଲକ କୋକସରା ଗ୍ରାମର ଡ଼.ଗୋପୀନାଥ ବାଗ୍। ବର୍ତ୍ତମାନ ସେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଓଡ଼ିଆ ବିଭାଗର ପ୍ରଫେସର ଅଛନ୍ତି। ଗୁରୁବାର ନିଜ ଗାଁକୁ ଆସି ଡାକ୍ତରଖାନାରେ ଚିକିତ୍ସାଧୀନ ରୋଗୀଙ୍କୁ ଭେଟି ଫଳମୂଳ ବାଣ୍ଟିବା ସହ ସେମାନଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି।

# ମେଗା ଜଳଯୋଗାଣକୁ ନେଇ ତର୍କବିତର୍କ

**କୁତ୍ରା ପଞ୍ଚାୟତ ସମିତି ବୈଠକ**

**କୁତ୍ରା, ୨୭।୪(ଡି.ଏନ୍.ଏ.)**



କୁତ୍ରା ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ଅଧିକାରୀ, ଜନପ୍ରତିନିଧି।

ସୁନ୍ଦରଗଡ଼ ଜିଲା କୁତ୍ରା ପଞ୍ଚାୟତ ସମିତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡ଼ିଓ ରବୀନ୍ଦ୍ର କୁମାର ସେଠୀ, ବ୍ଲକ ଅଧକ୍ଷା ଶାନ୍ତିଲତା ଲାକ୍ରା, ଉପାଧ୍ୟକ୍ଷ କୌସ୍ତୁବ ଭୂଷଣ ହୋତା, ଏବିଡ଼ିଓ ଲିଲିସଞ୍ଜିତା ମିଞ୍ଜ, ବ୍ଲକ ଆକାଉଣ୍ଟସ ଅଫିସର ଶର୍ମିଳା ତିଗା, ବିଧାୟକ ପ୍ରତିନିଧି ସନ୍ତୋଷ ବେହେରା, ଜିଲା ପରିଷଦ ସଭ୍ୟ ଗଙ୍ଗାରାମ ମିଞ୍ଜ, ପିଙ୍କି ସୁନାନୀ, ସମସ୍ତ ସମିତି ସଭ୍ୟାସଭ୍ୟ ଏବଂ ବିଭିନ୍ନ ବିଭାଗର କର୍ମଚାରୀ ଯୋଗ ଦେଇଥିଲେ। ଏହି ବୈଠକରେ ମେଗା ଜଳ ଯୋଗାଣକୁ ନେଇ ତର୍କବିତର୍କ ହୋଇଥିଲା। ମେଗା ଜଳ ଯୋଗାଣରେ ବିଭାଗୀୟ ଅଧିକାରୀ ତଥା ଠିକାଦାର ଶୀଘ୍ର କାମ କରୁ ନ ଥିବା ନେଇ ସମସ୍ତେ ବିରକ୍ତି ଭାବ ପ୍ରକାଶ କରିଥିଲେ। ବର୍ତ୍ତମାନ ଗ୍ରୀଷ୍ମ ଦିନରେ ପାଣିର ଅଭାବ ଦେଖିବାକୁ ମିଳୁଛି। ପାଣି ଟୋପାଏ ପାଇଁ ଉହଳବିକଳ ହେଉଥିବା ଦେଖିବାକୁ ମିଳୁଛି। ଏହା ସତ୍ତ୍ୱେ ମଧ ଗତ ଡିସେମ୍ବର ମାସ ଯାଏ ସମସ୍ତ କାର୍ଯ୍ୟ ସରିବା ସହିତ ଘରକୁ ଘର ପାଣି ଆସିବା କଥା। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ପାଇପ ବିଛା ମଧ ସରିନାହିଁ। ତେଣୁ ଯଥାଶୀଘ୍ର ଏହା ସମାପ୍ତି କରି ଘରକୁ ଘର ପାଣି ଯୋଗାଇବା ପାଇଁ ବୈଠକରେ ସ୍ଥିର ହୋଇଥିଲା। ଏହା ସହିତ ସ୍ୱାସ୍ଥ୍ୟ, ଶିକ୍ଷା,ଜଙ୍ଗଲ ଏବଂ ଅନ୍ୟାନ୍ୟ ଉନ୍ନତିମୂଳକ କାର୍ଯ୍ୟ ନେଇ ଆଲୋଚନା ହୋଇଥିଲା।

# ପୀଡିତଙ୍କୁ ୭ଲକ୍ଷ କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ

**୧୧କେଭି ବିଦ୍ୟୁତ୍ ସଂସ୍ପର୍ଶରେ ଆସି ବାଳକ ଦୁଇ ହାତ ହରାଇବା ଘଟଣା**

**ଦେବଗଡ଼, ୨୭।୪(ଡି.ଏନ୍.ଏ.)**



ଆହତ ହୋଇଥିବା ମୁନା।

ଗତ ୨୦୨୨ ଜୁଲାଇ ୧ ତାରିଖ ୧୧ କେଭି କ୍ଷମତା ସମ୍ପନ୍ନ ବିଦ୍ୟୁତ ତାର ସଂସ୍ପର୍ଶରେ ଦୁଇ ହାତ ହରାଇଥିବା ଦେବଗଡ ଜିଲା କୁଣ୍ଢେଇଗୋଲା ଥାନା ରିଆମାଳ ବ୍ଲକ ଅନ୍ତର୍ଗତ ବରଡାନାଳି ଗ୍ରାମର ଜିଲୁ ମାଝିଙ୍କ ପୁଅ ମୁନା(୭)ଙ୍କୁ ୭ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ଜାତୀୟ ମାନବାଧିକାର କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଜାତୀୟ ମାନବାଧିକାର କମିଶନ ତାଙ୍କର ନିର୍ଦ୍ଦେଶ ପାଇବାର ୬ ସପ୍ତାହ ମଧରେ ପୀଡ଼ିତ ମୁନାଙ୍କୁ ଏହି କ୍ଷତିପୂରଣ ରାଶି ପ୍ରଦାନ କରିବା ସହ ଏ ସମ୍ପର୍କୀତ ରିପୋର୍ଟ ଦାଖଲ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ସୂଚନା ଯୋଗ୍ୟ ଯେ, ଗତ ଜୁଲାଇ ୧ ତାରିଖ ବରଡାନାଳୀ ଗ୍ରାମର ମୁନା ସାଙ୍ଗ ସାଥୀଙ୍କ ସହ ଗାଁ ମୁଣ୍ଡରେ ଥିବା ଏକ ନିର୍ମାଣାଧିନ କୋଠାର ଛାତ ଉପରେ ଚଢି ଖେଳୁଥିବା ସମୟରେ ଉକ୍ତ କୋଠା ଉପରେ ହାତ ପାଆନ୍ତାରେ ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ଏହି ଦୁର୍ଘଟଣାରେ ତାଙ୍କର ଦୁଇଟି ଯାକ ପାପୁଲି ଏବଂ ବିଭିନ୍ନ ଅଂଶ ଗୁରୁତର ଭାବେ ପୋଡିଯିବା ସହ ସେ ଛାତ ଉପରକୁ ଛିଟିକି ପଡିଥିଲେ। ପରିବାର ଲୋକେ ମୁନାକୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ପ୍ରଥମେ ଛତାବର ଡାକ୍ତରଖାନାକୁ ନେଇଥିଲେ। ମାତ୍ର ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ନିମନ୍ତେ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ଏହାପରେ ଭବାନୀପାଟଣାର ମାନବାଧିକାର କର୍ମୀ ଦିଲ୍ଲୀପ କୁମାର ଦାସ ଏନେଇ ଜାତୀୟ ମାନବାଧିକାର ଆୟୋଗର ଦ୍ୱାରସ୍ଥ ହୋଇଥିଲେ। ମାନବାଧିକାର କର୍ମୀ ଦାସଙ୍କ ଅଭିଯୋଗ ଆଧାରରେ ମାନବାଧିକାର ଆୟୋଗ କେସ ନଂ-୨୫୬୪/୧୮/୨୦ /୨୦ ୨୨ରେ ଏକ ମାମଲା ପଞ୍ଜିକରଣ କରିବା ସହ ଏନେଇ ରିପୋର୍ଟ ତଲବ କରିଥିଲେ। ତେବେ ରାଜ୍ୟ ସରକାରଙ୍କ ଶକ୍ତି ବିଭାଗ କିମ୍ବା ଟାଟା ପାୱାର କର୍ତ୍ତୃପକ୍ଷ ଏହି ଦୁର୍ଘଟଣା ପାଇଁ ଦାୟୀ ନୁହନ୍ତି ବୋଲି ଆୟୋଗ ନିକଟରେ ସଫେଇ ଦେଇଥିଲେ। କିନ୍ତୁ ବିଦ୍ୟୁତ୍ ବିଭାଗର ତଦନ୍ତକାରୀ ଅଧିକାରୀ ତଥା ନିର୍ବାହୀ ଯନ୍ତ୍ରୀଙ୍କ ରିପୋର୍ଟ ଅନୁଯାୟୀ ଟାଟା ପାୱାର କମ୍ପାନୀର ଅବହେଳା ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା ଜଣାପଡିଥିଲା।

